بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 9

**ସମ୍ପାଦକ:**

କମ୍ରୁଲ୍ ହକ୍ ଖାନ୍

**ସହ ସମ୍ପାଦକ:**

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ

# ବଦର

Weekly
**BADAR**
Qadian
କାଦିଆନ
Odia

ସଂଖ୍ୟା: 2

ବାର୍ଷିକ ଦେୟ : 600/-

www.akhbarbadr.in

27 ଜୁଲ୍ ହଜ୍ଜା 1445 ହି.କ, 04 ୱଫା 1403 ହି.ଶ, 04 July-2024 ମସିହା


## ଅଲ୍ଲାଃତାଲାଙ୍କ ବାଣୀ

وَاِذَا صُرِفَتۡ اَبۡصَارُهُمۡ تِلۡقَآءَ اَصۡحٰبِ النَّارِۙ قَالُوۡا رَبَّنَا لَا تَجۡعَلۡنَا مَعَ الۡقَوۡمِ الظّٰلِمِيۡنَ

**(ୟୁନୁସ୍ -48)**

**ଅନୁବାଦ :** ସେ ହିଁ ତୁମମାନଙ୍କ ପାଇଁ ରାତିକୁ ଏଥି ସକାଶେ ସୃଷ୍ଟି କରିଛନ୍ତି ଯଦ୍ୱାରାକି ତୁମେମାନେ ତହିଁରେ ବିଶ୍ରାମ କରିପାରିବ ଏବଂ କାର୍ଯ୍ୟ କରିବା ପାଇଁ ଦିନକୁ ଆଲୋକିତ କରିଛନ୍ତି । ଯେଉଁ ଲୋକମାନେ ଏହି ସତ୍ୟବାଣୀକୁ ଶୁଣନ୍ତି ସେମାନଙ୍କ ପାଇଁ ନିଶ୍ଚିତ ଏଥିରେ ନିଦର୍ଶନମାନ ରହିଛି ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ହୁଜୁର ଅନ୍ୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହୟାକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

### ଆଁହଜରତ ସ.ଅ ମଦ୍ୟ (ମଦ ବା ସୁରା) ବ୍ୟବସାୟ କରିବାକୁ ମଧ୍ୟ ଅବୈଧ ତଥା ବର୍ଜିତ ବୋଲି ବିବେଚିତ କରିଛନ୍ତି

**(2083)** ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ, ଲୋକମାନଙ୍କ ଉପରେ ଏପରି ଏକ ଯୁଗ ଅବଶ୍ୟ ଆସିବ ଯେ, ଲୋକମାନେ ଧନ ନେବା ଏବଂ ଧନ ଉପାର୍ଜନ କରିବାରେ ଭୃକ୍ଷେପ ଓ ସଂକୋଚବୋଧ କରିବେ ନାହିଁ ଯେ, କେଉଁ ଧନଟି ବୈଧ ଓ କେଉଁଟି ଅବେଧ ଅଟେ ।

**(2084)** ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି, ଯେତେବେଳେ ସୁରାଃ ବକ୍ରାହର ଶେଷ ଆୟତ୍ ଅବତୀର୍ଣ୍ଣ ହେଲା ସେତେବେଳେ ନବୀ କରୀମ୍ ସ.ଅ ମସ୍‌ଜିଦରେ ବସି ସାହାବାମାନଙ୍କୁ କହିଲେ ଏବଂ ଆପଣ ସ.ଅ ମଦର ବ୍ୟବସାୟକୁ ଅବୈଧ ବୋଲି ମଧ୍ୟ ବିବେଚିତ କରିଛନ୍ତି ।

### ହ. ଖବ୍‌ବାବ୍ ର.ଅଙ୍କ ବିଶ୍ୱାସ ଓ ଆପଣ ର.ଅଙ୍କ ଅବିଚଳତା :

**(2091)** ହ. ଖବ୍‌ବାବ୍ ବିନ୍ ଅରତ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଅଶିକ୍ଷିତ ଯୁଗରେ ମୁଁ କମାର କାମ କରୁଥିଲି ଓ ଆସ୍ ବିନ୍ ଅୱାଏଲ୍‌ଙ୍କ ଉପରେ ମୋର ଋଣ ବାକି ଥିଲା । ତେଣୁ ମୁଁ ଅୱାଏଲ୍‌ଙ୍କ ପାଖକୁ ଗଲି ଏବଂ ତାଙ୍କୁ ଋଣ ପରିଶୋଧ କରିବା ନିମନ୍ତେ କହିଲି, ସେ କହିଲେ, ଯେପର୍ଯ୍ୟନ୍ତ ତୁମେ ନବୀ କରୀମ୍ ସ.ଅଙ୍କୁ ପ୍ରତ୍ୟାଖ୍ୟାନ କିରଦେଇ ନାହଁ ସେପର୍ଯ୍ୟନ୍ତ ମୁଁ ତୁମର ଋଣ ପରିଶୋଧ କରିବି ନାହିଁ । ସେ କହିଲା ଆଚ୍ଛା ମୋତେ ସେପର୍ଯ୍ୟନ୍ତ ରହିବାକୁ ଦିଅ । ଅର୍ଥାତ୍ ମୁଁ ମରିଯିବି ଓ ପୁନର୍ଜୀବିତ ହେବି ସେତେବେଳେ ଯେଉଁ ଅର୍ଥ ଓ ସନ୍ତାନ ମୋତ ସେଠାରେ ପ୍ରାପ୍ତ ହେବ ମୁଁ ତହିଁରୁ ତୁମର ଋଣ ପରିଶୋଧ କରିଦେବି ।

**(ବୁଖାରୀ, ଭାଗ-4. କିତାବୁଲ୍ ବୁୟୁ, ପ୍ରକାଶନ ବର୍ଷ-2008 ମସିହା, ସ୍ଥାନ-କାଦିଆନ୍)**

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

### ଏପରି ହୁଅନ୍ତା କି ସଂସାରକୁ ଏହା ଜ୍ଞାତ ହୋଇଯାଆନ୍ତା ଯେ, ଆତ୍ମାର ଆନନ୍ଦ କେଉଁ ବସ୍ତୁରେ ରହିଛି ? ପୁନଶ୍ଚ ଆତ୍ମା ଏହା ଜାଣିବାକୁ ଚେଷ୍ଟା କରିଥାଆନ୍ତା ଯେ, ସେହି ଆନନ୍ଦଟି କେବଳ ଓ କେବଳ ପବିତ୍ର କୁରଆନ୍ କରୀମ୍‌ରେ ହିଁ ବିଦ୍ୟମାନ ଓ ନିହିତ ରହିଛି ।

ହୁଜୁର୍ ଅ.ସ କୁହନ୍ତି: ମୁଁ ଏହା ଅବଲୋକନ କରୁଛି ଯେ, ସାଂପ୍ରତିକ ସମୟରେ ସଂସାର ଧ୍ୟାନ ଭୂମିଜ ବିଦ୍ୟା ଆଡ଼କୁ ଆନତ ହୋଇଛି ଏବଂ ପାଶ୍ଚାତ୍ୟ ସଭ୍ୟତାର ଆଲୋକ ସଂସାର ଜଗତକୁ ନିଜର ନବ ନବ ଉଦ୍ଭାବନ ଓ ଆବିଷ୍କାର ଏବଂ କଳା ଦ୍ୱାରା ଆଶ୍ଚର୍ଯ୍ୟ ଚକିତ କରି ଗ୍ରାସ କରିନେଇଛି । ମୁସଲମାନମାନେ ମଧ୍ୟ ଯଦି ନିଜର ସଫଳତା ଓ ଉନ୍ନତିର କୌଣସି ମାର୍ଗ ବୋଲି ଭାବିଛନ୍ତି ତେବେ ତାହା ଦୁର୍ଭାଗ୍ୟବଶତଃ ଏହା (ଭାବିଲେ) ଯେ, ସେମାନେ ପାଶ୍ଚାତ୍ୟ ଦେଶରେ ବାସ କରୁଥିହବା ଲୋକମାନଙ୍କୁ ନିଜର ଧର୍ମାଧ୍ୟକ୍ଷ କରିନେବେ ଏବଂ ଇଉରୋପର ଆନୁଗତ୍ୟ କରି ଗର୍ବିତ ହେବେ । ଏ ହେଉଛି ନୂତନ ଆଲୋକ (ଯୁଗର) ମୁସଲମାନମାନଙ୍କର ଅବସ୍ଥା ଏବଂ ଯେଉଁମାନେ ପୁରାତନ ଫେସନର ମୁସଲମାନ ବୋଲାଉଛନ୍ତି ଏବଂ ନିଜକୁ ଧର୍ମର ସମର୍ଥକ ବୋଲି ମନେକରୁଛନ୍ତି, ସେମାନଙ୍କର ସମଗ୍ର ଜୀବନର ସାରାଂଶ ଏବଂ ସାରମର୍ମ ଏହିକି ଯେ, ସେମାନେ ବ୍ୟାକରଣର କଳହ ଏବଂ ଚକ୍ରବ୍ୟୂହରେ ଫସି ଯାଇଛନ୍ତି ଓ ضَآلِّیۡنَ ର ଉଚ୍ଚାରଣ ଉପରେ ପ୍ରାଣୋତ୍ସର୍ଗ କରି ଦେଉଛନ୍ତି । ପବିତ୍ର କୁରଆନ୍ କରୀମ୍ ଆଡ଼କୁ ଆଦୌ ଧ୍ୟାନ ନାହିଁ ଏବଂ ଏହା କିପରି ସମ୍ଭବପର ଯେ, ସେମାନେ ଆତ୍ମ ପବିତ୍ରତା ଆଡ଼କୁ ଧ୍ୟାନ ଦେଉ ନାହାନ୍ତି ।

ହଁ ଯଦି ବି ଏପରି ଗୋଷ୍ଠୀ ରହିଛି ଯିଏ ଆତ୍ମ ପବିତ୍ରତାର ଦାବି ଉପସ୍ଥାପିତ କରିଥାଏ, ସେହି ଗୋଷ୍ଠୀ ହେଉଛି ସାଧୁ ସନ୍ଥମାନଙ୍କର ଗୋଷ୍ଠୀ ଓ ସନ୍ଥ ଗାଦ୍ଦୀଙ୍କର ଗୋଷ୍ଠୀ । କିନ୍ତୁ ସେହି ଗୋଷ୍ଠୀ ପବିତ୍ର କୁରଆନ୍ କରୀମ୍‌କୁ ତ' ପରିତ୍ୟାଗ ଦେଇଛନ୍ତି ଏବଂ ନିଜସ୍ୱ ଆହୃତ ପନ୍ଥାନୁଯାୟୀ ନୂତନ ଆବିଷ୍କାର ଏବଂ ନୂତନ ପନ୍ଥା ଅବଲମ୍ବନ କରି ନେଇଛନ୍ତି । କେହି ଚିଲ୍ଲାକଶୀ (ଚାଳିଶ ଦିନ ପର୍ଯ୍ୟନ୍ତ ଏକାନ୍ତ ବାସରେ ପ୍ରଭୁଙ୍କର ଉପାସନା କରିବା) କରୁଛନ୍ତି ତ' କେହି ھُوۡ اَللّٰہُ ଶ୍ଲୋଗାନ୍ ଦେଇଥାଆନ୍ତି, କେହି ନାହିଁର ପ୍ରମାଣ ଉପସ୍ଥାପିତ କରନ୍ତି, କେହି ଧ୍ୟାନରେ ବସନ୍ତି, କେହି ଶ୍ୱାସ ରୋକିବା ଇତ୍ୟାଦି କର୍ଯ୍ୟରେ ଲିପ୍ତ ଅଛନ୍ତି । ଅତଏବ ସେମାନେ ଏପରି ପନ୍ଥା ଅବଲମ୍ବନ କରିଛନ୍ତି ଯାହାକି ନବୀ କରୀମ୍ ସ.ଅଙ୍କ ଠାରୁ ସାବ୍ୟସ୍ତ ଓ ପ୍ରମାଣିତ ନୁହେଁ । ପବିତ୍ର ପବିତ୍ର କୁରଆନ୍ କରୀମ୍‌ର ନା ହିଁ ଏପରି ଉଦ୍ଦେଶ୍ୟ ରହିଛି ଓ ନା ହିଁ କେବେ ଅବତାରଦ୍ୱ (ଅବତାରମାନେ) ଏପରି ପନ୍ଥାକୁ ପସନ୍ଦ କରିଛନ୍ତି । ସୁତରାଂ ଏକଥା ସ୍ମରଣ ରଖିବା ଉଚିତ୍ ଯେ, ଯେପର୍ଯ୍ୟନ୍ତ ମନୁଷ୍ୟ ନିଜ ମଧ୍ୟରେ ଏକ ପବିତ୍ର ପରିବର୍ତ୍ତନ ସୃଷ୍ଟି କରି ନେଇ ନାହିଁ ଓ ନିଜର ଆତ୍ମାକୁ ପବିତ୍ର ତଥା ଶୁଦ୍ଧ କରିନେଇ ନାହିଁ ସେପର୍ଯ୍ୟନ୍ତ ସେ ପବିତ୍ର କୁରଆନ୍ କରୀମ୍‌ର ଅଧ୍ୟାତ୍ମ ପରିଚୟ ଏବଂ ପବିତ୍ର କୁରଆନ୍ କରୀମ୍‌ର ବିଶେଷ ଗୁଣାବଳୀ ସଂପର୍କରେ ଅବଗତ ହୋଇ ପାରିବ ନାହିଁ । ପବିତ୍ର କୁରଆନ୍ କରୀମ୍‌ରେ ଏପରି ବିନ୍ଦୁ ଏବଂ ଏପରି ସତ୍ୟତା ରହିଛି ଯାହାକି ଆତ୍ମାର ତୃଷ୍ଣାକୁ ମେଣ୍ଟାଇ ଦେଇଥାଏ । ଏପରି ହୁଅନ୍ତା କି ସଂସାରକୁ ଏହା ଜ୍ଞାତ ହୋଇଯାଆନ୍ତା ଯେ, ଆତ୍ମାର ଆନନ୍ଦ କେଉଁ ବସ୍ତୁରେ ନିହିତ ରହିଛି ? ପୁନଶ୍ଚ ଆତ୍ମା ଏହା ଜାଣିବାକୁ ଚେଷ୍ଟା କରିଥାଆନ୍ତା ଯେ, ସେହି ଆନନ୍ଦଟି କେବଳ ଏବଂ କେବଳ ପବିତ୍ର କୁରଆନ କରୀମ୍‌ରେ ହିଁ ବିଦ୍ୟମାନ ଓ ନିହିତ ରହିଛି । (ମଲଫୁଜାତ୍, ଭାଗ-1, ପୃ-385, ପ୍ରକାଶନ ସ୍ଥାନ-2018) ☆--☆--☆

## ଆଁହଜରତ ସ.ଅଙ୍କ ବାଣୀ

### ଅଲ୍ଲାଃତାଲାଙ୍କ ଅପ୍ରସନ୍ନତାରୁ ବର୍ତ୍ତିବାକୁ ଚେଷ୍ଟ କର ଓ ନିଜର ସନ୍ତାନମାନଙ୍କ ମଧ୍ୟରେ ନ୍ୟାୟ ବିଚାର କର :

ହ. ନୁମାନ୍ ବିନ୍ ବଶୀର୍ ର.ଅ ବର୍ଣ୍ଣନା କରନ୍ତି ଯେ, ତାଙ୍କର ପିତା ରସୁଲୁଲ୍ଲାଃ ସ.ଅଙ୍କ ନିକଟକୁ ଆଣିଲେ ଏବଂ କହିଲେ, ମୁଁ ନିଜର ଅମକ ପୁତ୍ରକୁ ଏକ ଦାସ ପ୍ରଦାନ କରିଛି । ଆପଣ ସ.ଅ ନୁମାନ ର.ଅଙ୍କୁ ପଚାରିଲେ, ହେ ନୁମାନ୍ ! କ'ଣ ତୁମେ ନିଜର ସମସ୍ତ ପୁତ୍ରଙ୍କୁ ଏହିପରି ଦାସ ପ୍ରଦାନ କରିଛ ଯେପରି ଅମକ ପୁତ୍ରକୁ ପ୍ରଦାନ କରିଛ ? ପ୍ରତ୍ୟୁତ୍ତରରେ ହ. ନୁମାନ୍ ବିନ୍ ବଶୀର୍ ର.ଅ କହିଲେ, ନା । ତେବେ ଆପଣ ସ.ଅ କହିଲେ, ହେ ନୁମାନ୍ ! ତୁମେ ସେହି ଦାସକୁ ନିଜ ପୁତ୍ର ପାଖରୁ ଫେରାଇ ନିଅ । ☆--☆--☆

**ଜାତୀୟ ଏକତା ସ୍ଥାପନ ନମନ୍ତେ ଚୁକ୍ତିର ନିୟମାବଳୀକୁ ପାଳନ କରିବା ନିତାନ୍ତ ଆବଶ୍ୟକ ହୋଇଥାଏ । ସୁତରାଂ ଏହା ଆବଶ୍ୟକ ଯେ, ଯେପରି ବି ହେଉ ନିଜର ପ୍ରତିଶୃତିକୁ ପୂରଣ କର । କାରଣ ଭରସା ଯେପରି ବଳବତ୍ତର ରହୁ ଓ ଲୋକମାନେ ପ୍ରସନ୍ନ ଏବଂ ଆଗ୍ରହର ସହିତ ପରସ୍ପରକୁ ସାହାଯ୍ୟ କରିବା ନିମନ୍ତେ ତତ୍ପର ରୁହନ୍ତୁ ଓ ଜାତି ଉନ୍ନତି କରିପାରୁ ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁନ୍ ନହଲ୍‌ର ଆୟତ୍ ସଂଖ୍ୟା 93 وَلَا تَكُوۡنُوۡا كَالَّتِىۡ نَقَضَتۡ غَزۡلَهَا مِنۡۢ بَعۡدِ قُوَّةٍ اَنۡكَاثًا ؕ تَتَّخِذُوۡنَ اَيۡمَانَكُمۡ دَخَلًاۢ بَيۡنَكُمۡ اَنۡ تَكُوۡنَ اُمَّةٌ هِىَ اَرۡبٰى مِنۡ اُمَّةٍ ؕ اِنَّمَا يَبۡلُوۡكُمُ اللّٰهُ بِهٖ ؕ وَلَيُبَيِّنَنَّ لَـكُمۡ يَوۡمَ الۡقِيٰمَةِ مَا كُنۡتُمۡ فِيۡهِ تَخۡتَلِفُوۡنَ ର ବ୍ୟାଖ୍ୟା କରି କୁହନ୍ତି: "ଉକ୍ତ ଆୟତ୍‌କୁ ଏକ ନୂତନ ବିଷୟବସ୍ତୁ ବୋଲି ମଧ୍ୟ ବିବେଚନା କରାଯାଇ ପାରେ । ଏହା ପୂର୍ବୋକ୍ତ ଆୟତ୍‌ର ବିଷୟବସ୍ତୁର କ୍ରମିକତା ବୋଲି ବିବେଚିତ କରାଯାଇ ପାରିବ । ଯଦି ପୂର୍ବ ଆୟତ୍‌ର ବିଷୟବସ୍ତୁକୁ ହିଁ ଅବ୍ୟାହତ ବୋଲି ମନେକରାଯାଏ ତେବେ ଏହାର ଅର୍ଥ ଏହା ହେବ ଯେ, ପାରସ୍ପାରିକ ଚୁକ୍ତି ଏବଂ ସର୍ତ୍ତାବଳୀକୁ ସଂପୂର୍ଣ୍ଣ ରୂପେ ପାଳନ କରିବା ଉଚିତ୍ । ତୁମେମାନେ ଯଦି ଏହା ଚୁକ୍ତିକୁ ଭଙ୍ଗ କର ତାହାହେଲେ ଅଲ୍ଲାଃତାଲା ଯେକି ତୁମର ଏକ ସୁଦୃଢ ଜମାଅତ୍ ସ୍ଥାପନ କରିଦେଇଛନ୍ତି ସେହି ଜମାଅତ ଧ୍ୱଂସ ହୋଇଯିବ ଏବଂ ପରସ୍ପର ପ୍ରତି ଥିବା ବିଶ୍ୱାସ କ୍ରମଶଃ ଭାଙ୍ଗିଯିବ ।"

ଚୁକ୍ତିର ନିୟମାବଳୀକୁ ପାଳନ କରିବା ଜାତୀୟ ଏକତା ସ୍ଥାପନ ନମନ୍ତେ ନିତାନ୍ତ ଆବଶ୍ୟକ ହୋଇଥାଏ । କାରଣ ଜମାଅତ୍‌ର ସ୍ଥାପନ ପରସ୍ପର ପ୍ରତି ସଦ୍‌ବ୍ୟବାହର ପ୍ରଦର୍ଶନ କରିବା ଉପରେ ନିର୍ଭରଶୀଳ ଅଟେ । ସଦ୍‌ବ୍ୟବହାର ସେପର୍ଯ୍ୟନ୍ତ ରହିଥାଏ ଯେପର୍ଯ୍ୟନ୍ତ ଲୋକମାନେ ଚୁକ୍ତିର ନିୟମାବଳୀ ତଥା ସର୍ତ୍ତାବଳୀକୁ ପାଳନ କରିବେ। ଯେତେବେଳେ ଲୋକମାନେ ଚୁକ୍ତିକୁ ପୂରଣ ନକରିବେ ସେତେବେଳେ ପ୍ରଥମେ ଅନାସକ୍ତ ଓ ଏହା ପରେ କୁଧାରଣା ସୃଷ୍ଟି ହୋଇଯାଇଥାଏ । ଜଣେ ବ୍ୟକ୍ତିର କୁକର୍ମ ଯୋଗୁଁ ଅନ୍ୟ ଶତାଧିକ ବ୍ୟକ୍ତିମାନେ ଜାତୀୟ ବ୍ୟବସ୍ଥାଜନିତ ଲାଭରୁ ବଞ୍ଚିତ ରହିଯାଇ ଥାଆନ୍ତି । ଅତଃ ଏହା ଉଚିତ୍ ଯେ, ମନୁଷ୍ୟ ଯଥା ସମ୍ଭବ ନିଜର ପ୍ରତିଶୃତିକୁ ପୂରଣ କରୁ ଓ ନିଜର ପ୍ରତିଶୃତି ରକ୍ଷା କରୁ । କାରଣ ଭରସା ଓ ଆସ୍ଥା ଯେପରି ବଳବତ୍ତର ରହୁ ଓ ଲୋକମାନେ ପ୍ରସନ୍ନ ଏବଂ ଆଗ୍ରହର ସହିତ ପରସ୍ପରକୁ ସାହାଯ୍ୟ କରିବା ନିମନ୍ତେ ତତ୍ପର ରୁହନ୍ତୁ ଓ ଜାତି ଉନ୍ନତି କରିପାରୁ ।

ବ୍ୟକ୍ତିଗତ ଅଙ୍ଗୀକାର/ଶପଥ ବ୍ୟତୀତ ଏକ ଜାତୀୟ ଅଙ୍ଗୀକାର ମଧ୍ୟ ହୋଇଥାଏ । ଅର୍ଥାତ୍ ଲୋକମାନେ ଜଣେ ବ୍ୟକ୍ତିର ହସ୍ତରେ ଜାତୀୟ ଉନ୍ନତି ନିମନ୍ତେ ଅଙ୍ଗୀକାର କରିଥାଆନ୍ତି । ସେହି ଅଙ୍ଗୀକାରର ନାମ ଖିଲାଫତ୍ ଅଟେ । ସେହି ଅଙ୍ଗୀକାର ମଧ୍ୟ ତହିଁରେ ଅନ୍ତର୍ଭୁକ୍ତ ରହିଛି ଏବଂ ଉକ୍ତ ଆୟତ୍‌ରେ ଏହି ଆଡ଼କୁ ମଧ୍ୟ ଇଙ୍ଗିତ ରହିଛି ଯେ, ଅଲ୍ଲାଃତାଲା ତୁମମାନଙ୍କର ଏକ ସଂପ୍ରଦାୟ ତିଆରି କରି ଦେଇଛନ୍ତି ଏବଂ ଏକ ବ୍ୟବସ୍ଥା ସ୍ଥାପନ କରିଦେଇଛନ୍ତି ଏବଂ ତୁମେମାନେ ଉକ୍ତ ବ୍ୟବସ୍ଥାର ଅନୁପାଳନ କରିବାର ଶପଥ କରିଛ। ବର୍ତ୍ତମାନ ସେହି ବ୍ୟବସ୍ଥାର ନିୟମାନୁବର୍ତ୍ତୀ ହେବ । ଅନ୍ୟଥା ପରିଣାମ ଏହା ହେବ ଯେ, ତୁମମମାନଙ୍କର ବଳିଦାନ ଯୋଗୁଁ ଇସଲାମ୍ ଧର୍ମକୁ ଯେଉଁ ଭୟ (ଆଧିପତ୍ୟତା) ପ୍ରାପ୍ତ ହୋଇଛି ତାହା କ୍ରମଶଃ କ୍ଷୁର୍ଣ୍ଣ ହେବ ଏବଂ ପୁଣିଥରେ ପ୍ରାରମ୍ଭରୁ ପରିଶ୍ରମ କରିବାକୁ ପଡ଼ିବ । ଏହା ଏକ ବୃହତ୍ ରାଜନୈତିକ ବିନ୍ଦୁ ବୋଲି ଦର୍ଶାଯାଇଛି । କିଛି ଲୋକଙ୍କ ବୈମନସ୍ୟତା ଏବଂ ବିଭେଦତା ଯୋଗୁଁ ସଂପୂର୍ଣ୍ଣ ବ୍ୟବସ୍ଥା ଧ୍ୱଂସ ହୋଇଯାଇଥାଏ ଏବଂ ଜାତିର ପରିଶ୍ରମ ବୃଥା ହୋଇଯାଇଥାଏ ଏବଂ ପୁନଃ ପ୍ରାରମ୍ଭରୁ ପରିଶ୍ରମ କରିବା ଏବଂ ବଳିଦାନ ଦେବାର ଆବଶ୍ୟକତା ପଡ଼ିଥାଏ । କିନ୍ତୁ ଉପୁଡ଼ି ଯାଇଥିବା ବସ୍ତୁ ପୁନର୍ବାର ସେହିପରି ଯୋଡ଼ି ହୋଇ ନଥାଏ। ଅର୍ଥାତ୍ ଗୋଟିଏ ନୂତନ ବସ୍ତୁକୁ ଥରେ ଭାଙ୍ଗି ଦିଆଗଲେ ତାହାକୁ ପୁନର୍ବାର ସଂଲଗ୍ନ କରାଯାଇପାରିବ ନାହିଁ । ସେହିପରି ଭାଙ୍ଗି ଯାଇଥିବା ହୃଦୟ ସେହିପରି ଯୋଡ଼ି ହୁଅନ୍ତି ନାହିଁ ଯେପରି ତାହା ସର୍ବଦା ସଂଲଗ୍ନ ହୋଇ ରହିଥିଲେ । ଅତଏବ ଅଙ୍ଗୀକାର ସ୍ଥାପନ କରିବା ନିମନ୍ତେ କଠିନ ପରିଶ୍ରମ କରିବାର ଆବଶ୍ୟକତା ରହିଛି । ଉପରୋକ୍ତ ଆୟତ୍‌ର ଶବ୍ଦରୁ ଏହା ମଧ୍ୟ ପ୍ରତିଭାତ ହୁଏ ଯେ, ତହିଁରେ ଅଣ ଧର୍ମାବଲମ୍ବୀମାନଙ୍କ ସହିତ ଚୁକ୍ତି ଏବଂ ଅଙ୍ଗୀକାର କରିବା ସଂକ୍ରାନ୍ତରେ ଚର୍ଚ୍ଚା ରହିଛି । ଉକ୍ତ ବିଷୟବସ୍ତୁ ଦୃଷ୍ଟିରୁ ଉକ୍ତ ଆୟତ୍‌କୁ ଏକ ନିୟମିତ ବିଷୟବସ୍ତୁ ବୋଲି ବିବେଚିତ କରିବାକୁ ହେବ । ଅର୍ଥାତ୍ وَلَا تَكُوۡنُوۡا ରୁ ନୂତନ ବିଷୟବସ୍ତୁ ଆରମ୍ଭ ବୋଲି ମନେକରାଯିବ । ଅର୍ଥାତ୍ ଏହା ହେବ ଯେ, ଯେଭଳି ଅଲ୍ଲାଃତାଲାଙ୍କର ଅଙ୍ଗୀକାର ଏବଂ ନିଜର ଆଭ୍ୟନ୍ତର ଅଙ୍ଗୀକାର ପାଳନ କରିବା ମଧ୍ୟ ବାଞ୍ଛନୀୟ ଅଟେ । ଠିକ୍ ସେହିପରି ଅନ୍ୟ ଜାତି ଓ ଅନ୍ୟ ଧର୍ମାବଲମ୍ବୀମାନଙ୍କ ସହିତ ଯେଉଁ ଅଙ୍ଗୀକାର ବା ପ୍ରତିଶୃତି କରାଯାଇଛି ତାହାକୁ ପୂରଣ କରିବା ଏବଂ ତାହାର ନିୟମାନୁବର୍ତ୍ତୀ ହେବା ମଧ୍ୟ ଅପରିହାର୍ଯ୍ୟ। ସେହି ଅଙ୍ଗୀକାର ତଥା ସେହି ଚୁକ୍ତିର ସଂରକ୍ଷଣ ଏବଂ ସର୍ବେକ୍ଷଣ କର । ଅନ୍ୟଥା ସଂସାରର ଶାନ୍ତି ଧ୍ୱଂସ ଏବଂ କ୍ଷୁର୍ଣ୍ଣ ହୋଇଯିବ । ସୁତରାଂ دَخَلًا ର ଶବ୍ଦ ମଧ୍ୟ ଉକ୍ତ କଥାକୁ ପରିପ୍ରକାଶିତ କରିଥାଏ ଏବଂ كَالَّتِىۡ نَقَضَتۡ غَزۡلَهَا مِنۡۢ بَعۡدِ قُوَّةٍ ରୁ ମଧ୍ୟ ଏହା ହିଁ ଯଥାର୍ଥ ଯେ, ଶାନ୍ତି ସ୍ଥାପନ ହେବା ପରେ ଉପଦ୍ରବର ପରିସ୍ଥିତି ଯେପରି ନ ଉପୁଜୁ । **(ତଫ୍‌ସିର୍ କବିର୍, ଭାଗ-4, ପୃ-229, ପ୍ରକାଶନ ସ୍ଥାନ-କାଦିଆନ୍, 2010 ମସିହା)**

☆--☆--☆

## ବିଗତ ସଂଖ୍ୟା 25-26ରେ ପୃ-10 ବର୍ଣ୍ଣିତ ଖୁତବା ଜୁମାର ଅବଶିଷ୍ଟାଂଶ........

ଆମେମାନେ ଯଦି ଜୟଲାଭ କଲୁ ତାହାହେଲେ ଏପରି ହେବ ସେପରି ହେବ । ଆଉ ଯଦି ତୁମେମାନେ ଜୟଲାଭ କଲ ତାହାହେଲେ ତୁମମାନଙ୍କ ନିମନ୍ତେ ଏପରି ହେବ ସେପରି ହେବ । ସୁତରାଂ ସେମାନେ 5 ବର୍ଷର ଅବଧି ନିର୍ଦ୍ଧାରିତ କଲେ । ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ସେମାନେ 6 ବର୍ଷ ଅବଧି ନିର୍ଦ୍ଧାରିତ କଲେ । ତିର୍ମିଜିର ବ୍ୟାଖ୍ୟା ତୋହ୍‌ଫତୁଲ୍ ଅହ୍‌ୱଜିରେ ଉଲ୍ଲେଖ ରହିଛି ଯେ, ରୋମବାସୀ ପାରସ୍ୟବାସୀଙ୍କ ଉପରେ ଜୟଲାଭ କରିବା ଦିନ ବିଶ୍ୱାସକାରୀମାନେ ଆନନ୍ଦିତ ହେଲେ ଏବଂ ହ. ଜିବ୍ରାଇଲ୍ ଅ.ସ ଯେତେବେଳେ ଉକ୍ତ ବିଜୟର ଖବର ସହିତ ତାଙ୍କର ଅର୍ଥାତ୍ ମୁସରିକିନମାନଙ୍କ ବିରୁଦ୍ଧରେ ବଦର୍ ଯୁଦ୍ଧରେ ତାଙ୍କୁ ସାହାଯ୍ୟ କରିବା ନିମନ୍ତେ ଶୁଭ ସମାଚାର ନେଇ ଅବତୀର୍ଣ୍ଣ ହେଲେ ସେତେବେଳେ ସେମାନଙ୍କୁ ଉକ୍ତ କଥାଟି ବଦର ଯୁଦ୍ଧ ଦିନ ହିଁ ଜ୍ଞାତ ହେଇଥିଲା। **(ତୋହ୍‌ଫତୁଲ୍ ଅହ୍ୱଜି, ଶରହୁ ସୁନନୁତ୍ ତିର୍ମିଜି, ଭାଗ-2, ପୃ-2169, ମକ୍‌ତବା ବୈତୁଲ୍ ଅଫ୍‌କାର ଅଦ୍‌ଦୌଲିୟା) (ସୁନନୁତ୍ ତିର୍ମିଜି, ଅବ୍‌ୱାବୁ ତଫ୍‌ସିରୁଲ୍ କୁରଆନ୍, ବାବ୍- ୱ ମିନ୍ ସୁରତୁର୍ ରୌମି, ହଦିସ୍ ନଂ-3194)**

ହୁଜୁରୁ ଅନ୍‌ୱର୍ ଅ.ବ କହିଲେ, ଏ ହେଉଛି ବଦର୍ ଯୁଦ୍ଧ ସହିତ ସଂପର୍କ । ଅର୍ଥାତ୍ ଯେଉଁ ଦିନ ବଦର୍ ଯୁଦ୍ଧରେ ଜୟଯୁକ୍ତ ହୋଇଥିଲେ ସେହି ଦିନ ରୋମୀୟମାନଙ୍କୁ ବିଜୟର ଶୁଭ ସମାଚାର ମଧ୍ୟ ପ୍ରାପ୍ତ ହେଲା ।

ସହି ବୁଖାରୀର ଏକ ବର୍ଣ୍ଣନାର ଉଲ୍ଲେଖ ରହିଛି ଯେ, ଏହାର ବ୍ୟାଖ୍ୟାରେ ଅଲ୍ଲାମା ବଦରୁଦ୍ଦୀନ୍ ଐନୀ ରହେମତୁଲ୍ଲାଃ ଅଲୈହ୍ ରୋମ୍ ବିଜୟର ଭବିଷ୍ୟବାଣୀର ଚର୍ଚ୍ଚା କରି ଉଲ୍ଲେଖ କରନ୍ତି: "ଯେତେବେଳେ ପାରସ୍ୟବାସୀ ଏବଂ ରୋମ୍‌ବାସୀଙ୍କ ମଧ୍ୟରେ ଯୁଦ୍ଧ ହେଲା ସେତେବେଳେ ମୁସଲମାନମାନେ ପାରସ୍ୟବାସୀଙ୍କ ଉପରେ ରୋମର ବିଜୟକୁ ପସନ୍ଦ କରୁଥିଲେ । କାରଣ ସେମାନେ ଗ୍ରନ୍ଥଧାରୀ ଥିଲେ । ରୋମବାସୀଙ୍କ ସହିତ ମୁସଲମାନମାନଙ୍କ ପ୍ରତି ସହାନୁଭୂତି ଏଇଥି ପାଇଁ ଥିଲା ଯେ, ରୋମବାସୀ ଗ୍ରନ୍ଥଧାରୀ ଥିଲେ । ଅପର ପକ୍ଷେ ଅବିଶ୍ୱାସକାରୀମାନେ ପାରସ୍ୟବାସୀ ବିଜୟୀ ହେବାକୁ ପସନ୍ଦ କରୁଥିଲେ । କାରଣ ସେମାନେ ଅଗ୍ନିପୂଜକ ଥିଲେ ଏବଂ ମକ୍କାର କୁରେଶମାନେ ମଧ୍ୟ ମୂର୍ତ୍ତିମାନଙ୍କର ଉପାସନା କରୁଥିଲେ। ଉକ୍ତ କଥାକୁ କେନ୍ଦ୍ର କରି ହ. ଅବୁ ବକ୍କର ର.ଅ ଓ ଅବୁ ଜହଲ୍ ମଧ୍ୟରେ ସର୍ତ୍ତ ଲାଗିଲା । ତେବେ ରସୁଲୁଲ୍ଲାଃ ସ.ଅ କହିଲେ, ସେଠାରେ بِضۡعِ ର ଶବ୍ଦ ପ୍ରୟୋଗ ହୋଇଛି ଯାହାକି 9 କିମ୍ବା 7 ବର୍ଷ ଉପରେ ଚରିତାର୍ଥ କରେ । ସୁତରାଂ ସମୟ କାଳକୁ ବୃଦ୍ଧି କରିଦିଅ । ତେଣୁ ସେ (ହ. ଅବୁ ବକ୍କର୍ ର.ଅ) ଏହିପରି କଲେ ଏବଂ ରୋମ୍‌ବାସୀ ଜୟଯୁକ୍ତ ହୋଇଗଲେ ।

ଅଲ୍ଲାଃତାଲା କୁହନ୍ତି: الٓمّٓ غُلِبَتِ الرُّوۡمُ فِىۡۤ اَدۡنَى الۡاَرۡضِ وَهُمۡ مِّنۡۢ بَعۡدِ غَلَبِهِمۡ سَيَغۡلِبُوۡنَ فِىۡ بِضۡعِ سِنِيۡنَ **(ଅର୍ ରୁମ୍: 2-5)** ଅଲିଫ୍ ଲାମ୍ ମିମ୍, ଅର୍ଥାତ୍ ମୁଁ ଅଲ୍ଲାଃ ସର୍ବଜ୍ଞ । ରୋମ୍‌ବାସୀମାନେ ପରାଜିତ ହୋଇଛନ୍ତି, ନିକଟବର୍ତ୍ତୀ ଅଞ୍ଚଳରେ ଏବଂ ସେମାନେ ପରାଜିତ ହେବା ପରେ ପୁନର୍ବାର ଜୟଲାଭ କରିବେ । କିଛି ବର୍ଷ ମଧ୍ୟରେ। ଅର୍ଥାତ୍ 3ରୁ 9ବର୍ଷ କାଳ ମଧ୍ୟରେ । ଏହା ପୂର୍ବରୁ ଏହା ପରେ ମଧ୍ୟ ଅଲ୍ଲାଃତାଲାଙ୍କ ସାର୍ବଭୌମ ଅଧିକାର ରହିବ । ସେଦିନ ବିଶ୍ୱାସକାରୀମାନେ ନିଜର ବିଜୟ ଯୋଗୁଁ ଅତ୍ୟନ୍ତ ଆନନ୍ଦିତ ଓ ଉଲ୍ଲସିତ ହେବେ । ଅଲ୍ଲାଃତାଲାଙ୍କ ସହାୟତା ଲାଭ କରି ଏହି ବିଜୟ ପ୍ରାପ୍ତ ହେବ । **(ଉମ୍‌ଦତୁଲ୍ କାରି, ଶରହୁ ସହିହୁଲ୍ ବୁଖାରୀ, ଭାଗ-7, ପୃ-29, ଦାରୁଲ୍ ଫିକର ବୈରୁତ୍)**

ଆଁହଜରତ ସ.ଅ ଯେଉଁ ଘଟଣାବଳୀର ଭବିଷ୍ୟବାଣୀ କରିଛନ୍ତି । ତନ୍ମଧ୍ୟରୁ ଏକ ସ୍ପଷ୍ଟ ଏବଂ ଅନନ୍ୟ ଭବିଷ୍ୟବାଣୀ ହେଉଛି ଏବଂ ରୋମ୍ ବିଜୟର ଭବିଷ୍ୟବାଣୀ ।

ଆରବର ଉଭୟ ପାର୍ଶ୍ୱରେ ରୋମ୍ ଓ ପାରସ୍ୟ ଶାସନ ପ୍ରତିଷ୍ଠିତ ଥିଲା । ସେତେବେଳେ ଇରାନ୍‌ର ଶାସକ ଖୁସ୍ରୋ ଏବଂ ରୋମର୍‌ର ଶାସକ ହିର୍କଲ ଥିଲା । ସେହି ଦୁହିଁଙ୍କ ଶାସନ କାଳରେ ଦୀର୍ଘକାଳ ଧରି ଯୁଦ୍ଧ ପରମ୍ପରା ଲାଗି ରହୁଥିଲା । ଆଁହଜରତ ସ.ଅଙ୍କ ଅବତାରତ୍ୱର ପଞ୍ଚମ ବର୍ଷ ଅର୍ଥାତ୍ 614 ଖ୍ରୀ.ଅରେ ଉଭୟ ପଡ଼ୋଶୀ ଶାସକଙ୍କ ମଧ୍ୟରେ ରକ୍ତାକ୍ତମୟ ଯୁଦ୍ଧ ଆରମ୍ଭ ହୋଇଗଲା । ସେହି ଦୁଇ ଜାତି ମଧ୍ୟରୁ କୌଣସି ଜାତି ଯଦିଓ ଇସ୍‌ଲାମ୍ ଧର୍ମ ସ୍ୱୀକାର କଲା ନାହିଁ । କିନ୍ତୁ ରୋମୀୟବାସୀମାନେ ହ. ଇସା ଅ.ସଙ୍କ ଅନୁଗାମୀ ଥିଲେ ଏବଂ ଇରାନୀମାନଙ୍କ ଆସ୍ଥା, ମକ୍କାର ଅବିଶ୍ୱାସକାରୀଙ୍କ ଆସ୍ଥାକୁ ସମର୍ଥନ ଜଣାଉଥିଲେ। ଅତଏବ ଏହା ଅନିର୍ବାର୍ଯ୍ୟ ରୂପେ ମୁସଲମାନମାନଙ୍କୁ ରୋମୀୟ ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ସହିତ ଓ ମକ୍କାର ମୁସରିକିନ୍‌ମାନଙ୍କୁ ଇରାନବାସୀଙ୍କ ସହିତ ସହାନୁଭୂତି ରହିଥିଲା । ଅତଃ ମୁସଲମାନମାନେ ଏବଂ କୁରେଶର ଅବିଶ୍ୱାସକାରୀମାନେ ଯୁଦ୍ଧର ପରିଣାମକୁ ଅପେକ୍ଷା କରି ବସିଥିଲେ । ସେହି ଦୁଇ ଶାସନର ସୀମାଗୁଡ଼ିକ ଦଜ୍‌ଲା ଓ ଫୁରାତ୍ ନଦୀର କୂଳରେ ଆସି ମିଶୁଥିଲା । ରୋମୀୟ ଶାସର ପୂର୍ବୋତ୍ତର ଏସିଆର ସୀମାବର୍ତ୍ତୀ ଇରାକ୍, ସିରୀୟା, ପାଲେଷ୍ଟାଇନ୍ ଏବଂ ମିସର ଠାରେ ବ୍ୟାପିଥିଲା। ଇରାନୀୟମାନେ ଉଭୟ ପଟୁ ଆକ୍ରମଣ କଲେ । ଏକ ପକ୍ଷରେ ସେମାନେ **(ଅବଶିଷ୍ଟାଂଶ ପୃ..........11ରେ)**

## (ଖୁତ୍‌ବା ଜୁମା)

ଅବତାରତ୍ୱର ମର୍ଯ୍ୟାଦା ହାନୀ ସଂପର୍କରେ ଇସ୍‌ଲାମୀୟ ଧର୍ମ ବିଧାନରେ (ଏପରି) କୌଣସି ଦଣ୍ଡବିଧାନ ନାହିଁ ଓ ନା ହିଁ ଏହପରି ଘଟଣାବଳୀର କୌଣସି ବାସ୍ତବତା ରହିଛି । ମୁସରିକମାନେ (ଅଲ୍ଲାଃତାଲାଙ୍କ ସହିତ ଅନ୍ୟ ଦେବା ଦେବୀକୁ ସମକକ୍ଷ କରୁଥିବା ବ୍ୟକ୍ତି) ମଧ୍ୟ ନିଜର ଶିର୍କକୁ ଧର୍ମ ବୋଲି ମନେକରୁଥିଲେ ଏବଂ ଏକେଶ୍ୱରଙ୍କ ଉପାସନାକୁ ମାର୍ଗଭ୍ରଷ୍ଟତା ବୋଲି ମନେକରୁଥିଲେ । ଆଜିକାଲି ମଧ୍ୟ ଲୋକମାନଙ୍କର ଏହିପରି ଅବସ୍ଥା ରହିଛି ।

---

ଉମୈର୍ ବିନ୍ ୱହବ୍‌ଙ୍କ ଇସଲାମ ଧର୍ମ ସ୍ୱୀକାର କରିବାର ବିଶ୍ୱାସବର୍ଦ୍ଧକ ଘଟଣା । ଉମୈର୍ କହିଲେ, ଏପରି ପ୍ରତିତ ହେଉଛି ଯେପରିକି ଈଶ୍ୱର ଆପଣ ସ.ଅଙ୍କ ସହିତ ଅଛନ୍ତି । ସେହି ଈଶ୍ୱର ଆପଣ ସ.ଅଙ୍କୁ ଆମମାନଙ୍କର ଅଭିପ୍ସା ସଂକ୍ରାନ୍ତରେ ଅବଗତ କରିଦେଲେ । ଅନ୍ୟଥା ଯେତେବେଳେ ମୋର ଏବଂ ସଫ୍‌ୱାନ୍‌ଙ୍କର କଥାବାର୍ତ୍ତା ହୋଇଥିଲା ସେତେବେଳେ ସେଠାରେ ତୃତୀୟ ବ୍ୟକ୍ତି ଉପସ୍ଥିତ ନଥିଲା ଏବଂ ସମ୍ଭବତଃ ଈଶ୍ୱର ଏହି ପ୍ରସ୍ତାବ ମୋର ବିଶ୍ୱାସ ଆଣିବା ନିମନ୍ତେ ହିଁ କରାଇଥିଲେ ଓ ମୁଁ ଆପଣ ସ.ଅଙ୍କ ଉପରେ ସତ୍ୟ ହୃଦୟ ହୋଇ ବିଶ୍ୱାସ ଆଣୁଛି ।

---

ବଦର୍ ଯୁଦ୍ଧ ପରେ କେତେକ ଲୋକମାନେ ମୁସଲମାନ ମଧ୍ୟ ହେଲେ କିନ୍ତୁ କପଟବିଶ୍ୱାସ ମନୋବୃତ୍ତି ରଖି ମୁସଲମାନ ହୋଇଥିଲେ । ସେହି କପଟ ବିଶ୍ୱାସୀଙ୍କ ମଧ୍ୟରୁ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲ୍ ଅନ୍ୟତମ ଥିଲା ।

---

ଆପଣ ସ.ଅ ଯେତେ ସମୟ ପର୍ଯ୍ୟନ୍ତ قَرْقَرَةُ الْكُدْر ଠାରେ ଅବସ୍ଥାନ କଲେ କୌଣସି ବ୍ୟକ୍ତିକୁ ଆପଣ ସ.ଅଙ୍କ ବିପକ୍ଷରେ ଆସିବା (ଛିଡ଼ା) ହେବା ପାଇଁ ଦୁଃସାହାସ ହେଲା ନାହିଁ । ସେହିପରି ଆପଣ ସ.ଅ ବିନା ଯୁଦ୍ଧରେ ଜୟଯୁକ୍ତ ହୋଇ ଫେରି ଆସିଲେ ।

---

ପ୍ରବାସର ଦ୍ୱିତୀୟ ବର୍ଷ ରମ୍‌ଜାନ୍ ମାସର ପରିସମାପ୍ତି ଅବସରରେ 1 ଶୱାଲ୍‌ରେ ଆପଣ ସ.ଅ ପ୍ରଥମ ଇଦୁଲ୍ ଫିତର୍ ନମାଜ ପାଠ କଲେ ।
ଇସ୍‌ଲାମ୍ ଧର୍ମର ଇଦ୍ ନିଜ ମଧ୍ୟରେ ଏକ ବିଚିତ୍ରପୂର୍ଣ୍ଣ ମର୍ଯ୍ୟାଦାର ଅଧିକାରୀ ଅଟେ । ସୁତରାଂ ଏକଥା ସ୍ମରଣ ରଖିବା ଉଚିତ୍ ଯେ, ଇଦ୍ ପର୍ବର ମହତ୍ୱ ଏହିକି ଯେ, ସବୁବେଳେ କେବଳ ଆନନ୍ଦ ଉଲ୍ଲାସ ପର୍ବ ପାଳନ ନୁହେଁ ବରଂ ଅଲ୍ଲାଃତାଲାଙ୍କର ଚର୍ଚ୍ଚା ଓ ଉପାସନା ମଧ୍ୟ କରିବା ଉଚିତ୍ ।

---

ଅସ୍ମା ବିନ୍‌ତ୍ ମୁର୍‌ୱାନଙ୍କ ବଧର ବର୍ଣ୍ଣନାର ସମୀକ୍ଷାତ୍ମକ ଅଧ୍ୟୟନ ଓ ତୌହିନେ ରିସାଲତ୍ (ଅବତାରତ୍ୱ ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିବା)ର ଶାସ୍ତି ସଂପର୍କିତ ଏକ ଦ୍ୱାନ୍ଦାତ୍ମକ ବର୍ଣ୍ଣନା ଉପରେ ସନ୍ତୋଷ ଜନକ ବିତର୍କ ।

---

ଇତିହାସ ଓ ଜୀବନୀର କେତେକ ପୁସ୍ତକମାନଙ୍କରେ ଉକ୍ତ ଘଟଣାର ଉଲ୍ଲେଖ ମିଳେ । କିନ୍ତୁ ସିହା ସିତ୍ତା (ହଦିସର ସଠିକ୍ ଛଟି ପୁସ୍ତକ) ଓ ହଦିସ୍‌ର ଅନ୍ୟ କୌଣସି ବିଶ୍ୱସନୀୟ ପୁସ୍ତକରେ ଏହି ଚର୍ଚ୍ଚା ମିଳେ ନାହିଁ ।
ଚରମପନ୍ଥୀ ମୁଲ୍ଲାମାନେ ଉକ୍ତ ଘଟଣାବଳୀକୁ ଗୁରୁତ୍ୱ ପ୍ରଦାନ କରି ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷାକୁ ବଦ୍‌ନାମ କରିଛନ୍ତି । ଆଜିକାଲି ଏହିପରି ମନଗଢ଼ା କାହାଣୀ ତିଆରି କରି ଏହି ମୌଲବୀମାନେ ଅହେମଦିମାନଙ୍କ ବିରୁଦ୍ଧରେ କ୍ରୁରତାର ଆବେଗ ପରିପ୍ରକାଶ କରୁଛନ୍ତି ଏବଂ ଲୋକମାନଙ୍କୁ ଉସ୍‌କାଉଛନ୍ତି ।

ବଦର୍ ଯୁଦ୍ଧ ପରେ ଘଟିଥିବା କେତେକ ଘଟଣାବଳୀ ଓ ବନୁ ସୁଲେମ୍ କିମ୍ବା قَرْقَرَةُ الْكُدْر ର ଚର୍ଚ୍ଚା ।

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 29 SEPTEMBER 2023 ମସିହା ଅନୁଯାୟୀ ୨ ତୁବୁକ୍ / ୧୪୦୨ ସ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସଜିଦ୍ ବୈତୁସ୍ ସୁବୁହ୍ ଫ୍ରାଙ୍କଫୋର୍ଟ, ଜର୍ମାନୀ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ۔ غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ବଦର୍ ଯୁଦ୍ଧ ପରବର୍ତ୍ତୀ ଘଟଣାବଳୀର ଚର୍ଚ୍ଚା ଚାଲିଥିଲା ସେହି ଘଟଣାବଳୀ ମଧ୍ୟରୁ ଯଦି ଆମେମାନେ ଇତିହାସ ପାଠ କରୁ ତେବେ ଯେଉଁଠି ଆମମାନଙ୍କୁ ଆଁହଜରତ ସ.ଅଙ୍କ ଜୀବନୀ ଓ ଜୀବନରେ ଘଟିଥିବା ଘଟଣାବଳୀ ସଂପର୍କରେ ଜ୍ଞାତ ହୁଏ ସେଠାରେ କେତେକ ଐତିହାସିକ କଥା ମଧ୍ୟ ଜ୍ଞାତ ସାରକୁ ଆସିଛି ଓ କେତେକ ଭ୍ରମାତ୍ମକ ବର୍ଣ୍ଣନା ମଧ୍ୟ ଚିହ୍ନିଟ ହୋଇଥାଏ । ଯେଉଁମାନେ ଇସ୍‌ଲାମ୍ ଧର୍ମର ଭୁଲ୍ ଚେହେରା ଅନ୍ୟମାନଙ୍କ ସମ୍ମୁଖରେ ଉପସ୍ଥାପିତ କିରଛନ୍ତି ଏବଂ ଇସ୍‌ଲାମ୍ ବିରୋଧୀମାନେ ତହିଁରୁ ଇସ୍‌ଲାମ୍ ଧର୍ମକୁ ବଦ୍‌ନାମ କରିବା ନିମନ୍ତେ ଫାଇଦା ଖୋଜୁଛନ୍ତି ଏବଂ ଚରମପନ୍ଥୀ ମୁସଲମାନମାନେ ନିଜର ଅଭିପ୍ରାୟକୁ ଚରିତାର୍ଥ କରୁଛନ୍ତି ।

ସେ ଯାହା ହେଉ ଆଜି ମୁଁ ଯେଉଁ ଘଟଣୀବଳୀ ବର୍ଣ୍ଣନା କରିବାକୁ ଯାଉଛି ତନ୍ମଧ୍ୟରୁ ପ୍ରଥମ ଘଟଣା ହେଉଛି ଉମୈର୍ ବିନ୍ ୱହବ୍‌ଙ୍କର । ଉମୈର୍ ବିନ୍ ୱହବ୍ ଯୁଦ୍ଧ ପରେ ନିଜର ଅସଫଳତା, ଅର୍ଥାତ୍ ମୁସ୍‌ରିକିନ୍‌ମାନଙ୍କୁ ଯେଉଁ ଅସଫଳତା ପ୍ରାପ୍ତ ହୋଇଥିଲା ତା'ର ପ୍ରତିଶୋଧ ନେବା ନିମନ୍ତେ ଆଁହଜରତ ସ.ଅଙ୍କୁ ହତ୍ୟା କରିବା ନିମନ୍ତେ ମକ୍କାରୁ ମଦିନା ଆସିଥିଲା । କିନ୍ତୁ ସେଠାରେ ଅଲ୍ଲାଃତାଲାଙ୍କ ବିଧାନ ଅନ୍ୟ କାର୍ଯ୍ୟ କଲା ଏବଂ ତା'କୁ (ଉମୈର୍ ବିନ୍ ୱହବ୍‌କୁ) ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବା ନିମନ୍ତେ ସାମର୍ଥ୍ୟ ପ୍ରାପ୍ତ ହେଲା । ଏହାର ବିସ୍ତୃତ ବିବରଣୀରେ ଉଲ୍ଲେଖ ରହିଛି ଯେ, ବଦର୍ ଯୁଦ୍ଧରେ ବନ୍ଦୀ ହୋଇଥିବା କଏଦୀମାନଙ୍କ ମଧ୍ୟରୁ ୱହବ୍ ବିନ୍ ଉମୈର ମଧ୍ୟ ଥିଲା ଯିଏ ମୁସଲମାନ ହୋଇଗଲା । ୱହବ୍ ବିନ୍ ଉମୈର୍‌କୁ ରିଫାଅ ବିନ୍ ରାଫେ ଗିରଫ କରିଥିଲେ । ତା'ର ପିତା ଉମୈର୍ କୁରୈଶମାନଙ୍କର ଅଧିପତିମାନଙ୍କ ମଧ୍ୟରୁ ଅନ୍ୟତମ ଥିଲା । ଉମୈରଙ୍କ ପିତା ୱହବ୍ ମକ୍କାରେ ରସୁଲୁଲ୍ଲାଃ ଓ ଆପଣ ସ.ଅଙ୍କ ସାହାବାମାନଙ୍କୁ ଅତ୍ୟନ୍ତ ଦୁଃଖ କଷ୍ଟ ଦେଇଥିଲା । କିନ୍ତୁ ବଦର୍ ଯୁଦ୍ଧରେ ପରେ ସେ ମୁସଲମାନ ହୋଇଯାଇଥିଲା । ଏହାର ବିସ୍ତୃତ ବିବରଣୀ ଏହିପରି ଯେ, ମୁସଲମାନ ହେବା ପୂର୍ବରୁ ଉମୈର୍ ଓ ସଫ୍‌ୱାନ ବିନ୍ ଉମୈୟାହ୍ ଦିନେ ମକ୍କାରେ ହତିମ୍ ନିକଟରେ ବସିଥିଲେ । ସଫ୍‌ୱାନ୍ ସେତେବେଳେ ମୁସଲମାନ ହୋଇ ନଥିଲା । ଏମାନେ ଦୁହେଁ ବଦର୍ ଯୁଦ୍ଧରେ ନିଜର ପରାଜୟ ଓ ନିଜର ବଡ଼ ବଡ଼ ଅଧିପତିମାନଙ୍କ ସଂପର୍କରେ କଥାବାର୍ତ୍ତା ହେଉଥିଲେ । ଅର୍ଥାତ୍ ଯେଉଁମାନେ ବଦର୍ ଯୁଦ୍ଧରେ ମୃତ୍ୟୁବରଣ କରିଥିଲେ ସେମାନଙ୍କ ସଂକ୍ରାନ୍ତରେ । ସଫ୍‌ୱାନ୍ କହିଲା ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ଏହି ଅଧିପତିମାନଙ୍କର ନିହତ ହୋଇଯିବା ପରେ ଜୀବନର ସ୍ୱାଦ ଏବଂ ଆନନ୍ଦ ହିଁ ସମାପ୍ତ ହୋଇଯାଇଛି । ଉମୈର୍ କହିଲା, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ତୁମେ ସତ୍ୟ କହୁଛ । ସେ କହିଲା ମୋ ଉପରେ ଯଦି କୌଣସି ବ୍ୟକ୍ତିର ଋଣ ନଥାଆନ୍ତା ଯେଉଁ ଋଣକୁ ପୈଠ ବା ପରିଶୋଧ କରିବା ନିମନ୍ତେ ମୁଁ କୌଣସି ବ୍ୟବସ୍ଥା କରିପାରୁ ନାହିଁ । ପୁନଶ୍ଚ ନିଜ ପଛରେ ନିଜର ପତ୍ନୀ ଓ ସନ୍ତାନମାନଙ୍କ ସମସ୍ୟାର ଧ୍ୟାନ ରଖିବାର ଦାୟିତ୍ୱ ମୋ ଉପରେ ନଥାଆନ୍ତା ତେବେ ମୋ ପରେ ପରବର୍ତ୍ତୀ ସମୟରେ ପରିବାର ନିମନ୍ତେ ଅଭାବ ଓ ଅନଟନରେ ପିଡ଼ୀତ ହୋଇଯାଇଥାଆନ୍ତେ । ତେଣୁ ମୁଁ ମୁହମ୍ମଦ ସ.ଅଙ୍କ ନିକଟରେ ପହଞ୍ଚି ତାଙ୍କୁ (ନାଉଜୁ ବିଲ୍ଲାଃ) ହତ୍ୟା କରିଦେଲେ ସବୁ ସମସ୍ୟା ଶେଷ ହୋଇଯିବ । କାରଣ

ମୋର ସେଠାରେ ପହଞ୍ଚିବାର କାରଣ ମଧ୍ୟ ରହିଛି । ତାହା ଏହିକିଯେ, ମୋର ପୁତ୍ର ସେମାନଙ୍କ କବଳରେ ବନ୍ଦୀ ହୋଇ ରହିଛି । ଏହା ଶୁଣିବା ମାତ୍ରେ ସଫ୍‌ୱାନ ଉମୈର୍‌ଙ୍କ ରଣ ପରିଶୋଧ କରିବାର ଦାୟିତ୍ୱ ବହନ କରିନେଲେ ଏବଂ କହିଲେ, ତୁମର ରଣ ପରିଶୋଧ କରିବା ମୋର ଦାୟିତ୍ୱ ଅଟେ । ମୁଁ ଏହାକୁ ପରିଶୋଧ କରିବି ଏବଂ ତୁମର ସ୍ତ୍ରୀ ପିଲା ଛୁଆ ମୋ ପତ୍ନିଙ୍କ ସହିତ ରହିବେ । ଯେପର୍ଯ୍ୟନ୍ତ ସେମାନେ ଜୀବିତ ରହିବେ ସେପର୍ଯ୍ୟନ୍ତ ମୁଁ ସେମାନଙ୍କର ଲାଳନ ପାଳନର ଦାୟିତ୍ୱ ବହନ କରିବି । ତୁମେ ଯାଅ ମୁହମ୍ମଦ ସ.ଅଙ୍କୁ ନାଉଜୁ ବିଲ୍ଲାଃ ହତ୍ୟା କରିଦିଅ । ଉମୈର୍ ଏକଥା ଶୁଣିବା ମାତ୍ରେ ରାଜି ହୋଇଗଲା । ସେ ସଫ୍‌ୱାନ୍‌କୁ କହିଲା, ମୋ ମଧ୍ୟରେ ଏବଂ ତୁମ ମଧ୍ୟରେ ଯେଉଁ ପ୍ରସଙ୍ଗ ନିର୍ଣ୍ଣିତ ହୋଇଛି ତାହାକୁ ତୁମେ ରହସ୍ୟ କରି ରଖିବ । ସଫ୍‌ୱାନ୍ ପ୍ରତିଜ୍ଞା କଲେ । ବର୍ତ୍ତମାନ ଉମୈର ଘରକୁ ଯାଇ ନିଜର ଖଡ଼୍‌ଗ ବାହାର କଲା ଏହାକୁ ତୀକ୍ଷ୍ଣ କଲା, ଏହାକୁ ବିଷରେ ବୁଡ଼ାଇଲା ଏବଂ ଏହାପରେ ମକ୍କାରୁ ପ୍ରସ୍ଥାନ କରି ମଦିନାରେ ପହଞ୍ଚିଗଲା ।

ଉମୈର୍ ଯେତେବେଳେ ମସ୍‌ଜିଦ୍ ନବ୍‌ୱୀରେ ପହଞ୍ଚିଲା ତେବେ ସେଠାରେ ହ. ଉମର୍ ର.ଅ ଅନ୍ୟ କେତେକ ମୁସଲମାନମାନଙ୍କ ସହିତ ବସିଥିଲେ ଏବଂ ବଦର୍ ଯୁଦ୍ଧ ସଂକ୍ରାନ୍ତରେ କଥାବାର୍ତ୍ତା ହେଉଥିଲେ । ଉମୈର୍ ଯେମିତି ମସ୍‌ଜିଦେ ନବୱୀରେ ନିଜର ଓଟୁଣୀକୁ ବସାଇଲା ହ. ଉମର୍ ର.ଅଙ୍କ ଦୃଷ୍ଟି ସେମିତି ଉମୈର୍ ଉପରେ ପଡ଼ିଲା ଯେ, ଉମୈର୍ ହାତରେ ଖଡ଼୍‌ଗ ଧରି ଓଟରୁ ଓହ୍ଲାଉଛି । ହ. ଉମର୍ ର.ଅ ଉମୈର୍‌କୁ ଦେଖିବା ମାତ୍ରେ କହିବାକୁ ଲାଗିଲେ ଯେ, ଈଶ୍ୱରଙ୍କ ଶତ୍ରୁ ଉମୈର୍ ବିନ୍ ୱହବ୍ ଅବଶ୍ୟ କୌଣସି ମନ୍ଦ ଉଦ୍ଦେଶ୍ୟ ରଖି ଏଠାକୁ ଆସିଛି । ପୁନଶ୍ଚ ହ. ଉମର୍ ର.ଅ ସହସା ସେଠାରୁ ଉଠି ଆଁହଜରତ ସ.ଅଙ୍କ ନିକଟକୁ ଆପଣ ସ.ଙ୍କ କୋଠରୀକୁ ଗଲେ ଏବଂ ଆପଣ ସ.ଅଙ୍କୁ କହିଲେ, ହେ ଈଶ୍ୱରଙ୍କ ବାର୍ତ୍ତାବହ ! ଈଶ୍ୱରଙ୍କ ଶତ୍ରୁ ଉମୈର୍ ବିନ୍ ୱହବ୍ ଫୁଙ୍ଗୁଳା ଖଡ଼୍‌ଗ ଧରି ଆସିଛି । ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ତା'କୁ ମୋ ନିକଟକୁ ଭିତରକୁ ନେଇ ଆସ । କିଛି ସମସ୍ୟା ନାହିଁ ତା'କୁ ମୋ ନିକଟକୁ ନେଇଆସ । ହ. ଉମର୍ ର.ଅ ସିଧା ଉମୈର୍ ପାଖକୁ ଆସିଲେ ଓ ଖଡ଼୍‌ଗର ଯେଉଁ ଫିତା ତା' ବେକରେ ପଡ଼ିଥିଲା ତାହାକୁ ଜାବୁଡ଼ି ଧରି ଉମୈର୍‌କୁ ଆଁହଜରତ ସ.ଅଙ୍କ ପାଖକୁ ନେଇଗଲେ । ହ. ଉମର୍ ର.ଅଙ୍କ ସହିତ ସେତେବେଳେ ସେଠାରେ ଯେଉଁ ଅନ୍‌ସାରୀ ମୁସଲମାନମାନ ଉପସ୍ଥିତ ଥିଲେ ସେମାନଙ୍କୁ ହ. ଉମର୍ ର.ଅ କହିଲେ, ହେ ଅନସାର୍‌ମାନେ ! ତୁମେମାନେ ମୋ ସହିତ ଆଁହଜରତ ସ.ଅଙ୍କ ପାଖକୁ ଭିତରକୁ ଚାଲ ଏବଂ ଆଁହଜରତ ସ.ଅଙ୍କ ପାଖରେ ହିଁ ବସ । କାରଣ ଉମୈର ପକ୍ଷରୁ ମୋତେ ସନ୍ତୁଷ୍ଟି ମିଳୁ ନାହିଁ । ଅର୍ଥାତ୍ ମୋର ବିଶ୍ୱାସ ନାହିଁ। କାଳେ ସେ ଆଁହଜରତ ସ.ଅଙ୍କ ଉପରକୁ ଆକ୍ରମଣ କରିଦେବ କି ? ଏହାପରେ ହ. ଉମର୍ ର.ଅ ତା'କୁ ଧରି ଆଁହଜରତ ସ.ଅଙ୍କ ପାଖକୁ ଆସିଲେ । ଆଁହଜରତ ସ.ଅ ଯେତେବେଳେ ଦେଖିଲେ ଯେ, ହ. ଉମର୍ ର.ଅ ଏଭଳି ଅବସ୍ଥାରେ ଆସୁଛନ୍ତି। ଅର୍ଥାତ୍ ଉମୈର୍‌ର ଖଡ଼୍‌ଗ ଫିତାଟି ବେକରେ ଥିଲା ସେହି ଫିତାକୁ ଭିଡ଼ି ଧରିଛନ୍ତି । ଆପଣ ସ.ଅ କହିଲେ, ହେ ଉମର୍ ! ଉମୈରକୁ ଛାଡ଼ିଦିଅ । ଏହାପରେ ଆପଣ ସ.ଅ ପୁନଶ୍ଚ କହିଲେ, ହେ ଉମୈର୍ ! ପାଖକୁ ଚାଲିଆସ । ସୁତରାଂ ଉମୈର୍ ପାଖକୁ ଆସିଲା ଏବଂ ଅଶିକ୍ଷିତଙ୍କ ଶିଷ୍ଟାଚାର ପରି اَنْعِمُوْا صَبَاحًا କହି ସଲାମ୍ (ନମସ୍କାର) କଲା । ଆପଣ ସ.ଅ କହିଲେ, ହେ ଉମୈର୍ ! ଆମକୁ ଇସ୍‌ଲାମ୍ ଧର୍ମ ତୁମ ସଲାମ୍ ଅପେକ୍ଷା ଉତ୍କୃଷ୍ଟ ସଲାମ ଦ୍ୱାରା ସମ୍ମାନିତ କରିଛି । ଏହି ସଲାମ୍ ବୈକୁଣ୍ଠବାସୀଙ୍କର ସଲାମ ଅଟେ । ତୁମେ କେଉଁଥି ପାଇଁ ଏଠାକୁ ଆସିଛ ? ଉମୈର୍ କହିଲା, ମୁଁ ନିଜର ସେହି କଏଦୀ ଅର୍ଥାତ୍ ନିଜର ପୁତ୍ର ସଂକ୍ରାନ୍ତରେ ଯିଏ ଆପଣଙ୍କ କବ୍‌ଜାରେ ଅଛି ତତ୍‌ସଂକ୍ରାନ୍ତରେ କଥାବାର୍ତ୍ତା କରିବା ନିମନ୍ତେ ଏଠାକୁ ଆସିଛି । ମୁଁ ଆପଣ ସ.ଅଙ୍କ ନିକଟରେ ଏତିକି ନିବେଦନ କରୁଛି ଯେ, ଆପଣ ସ.ଅ ତା' ସହିତ ଉତ୍ତମ ତଥା ଉତ୍କୃଷ୍ଟ ବ୍ୟବହାର ପ୍ରଦର୍ଶନ କରିବେ । ଆପଣ ସ.ଅ ଉମୈର୍‌ର ଫୁଙ୍ଗୁଳା ଖଡ଼୍‌ଗକୁ ଦେଖି କହିଲେ: "ହେ ଉମୈର୍ ଯଦି ତୁମେ ଆମ ସହିତ କଥାବାର୍ତ୍ତା କରିବା ପାଇଁ ଆସିଛ ତେବେ ଏହି ଖଡ଼୍‌ଗର କ'ଣ ମାନେ ରହିଛି ? ଉମୈର୍ କହିଲା, ଈଶ୍ୱର ଉକ୍ତ ଖଡ଼୍‌ଗର ସର୍ବନାଶ ସାଧନ କରନ୍ତୁ । କ'ଣ ଆପଣ ସ.ଅ ଆମମାନଙ୍କୁ କୌଣସି ପ୍ରକାରେ ଯୋଗ୍ୟ ଛାଡ଼ିଛନ୍ତି କି ? ଉକ୍ତ ଖଡ଼୍‌ଗ ପୂର୍ବେ ଆମମାନଙ୍କୁ କେଉଁଠି ସାହାଯ୍ୟ କରିଛି ଯେ, ଆଜି ସାହାଯ୍ୟ କରିବ ? ଆପଣ ସ.ଅ କହିଲେ, ହେ ଉମୈର୍! ତୁମେ ମୋତେ ସବୁ ସତ ସତ କୁହ । ତୁମେ କେଉଁ ଉଦ୍ଦେଶ୍ୟ ନେଇ ଏଠାକୁ ଆସିଅଛ? ଆପଣ ସ.ଅଙ୍କୁ ତା' କଥାରେ ଆଦୌ ବିଶ୍ୱାସ ନଥିଲା ବା ଆପଣ ସ.ଅ ତା' କଥାରେ ଆଦୌ ବିଶ୍ୱାସ କଲେ ନାହିଁ । ଉମୈର୍ କହିଲା, ମୁଁ ଆଦୌ ମୋ ପୁତ୍ରର ମୁକୁଳାଇବା ସଂକ୍ରାନ୍ତରେ ଆପଣ ସ.ଅଙ୍କ ସହିତ କଥାବାର୍ତ୍ତା କରିବା ବ୍ୟତୀତ ଅନ୍ୟ କୌଣସି ଉଦ୍ଦେଶ୍ୟ ନେଇ ଏଠାକୁ ଆସି ନାହିଁ । ତେବେ ପ୍ରତ୍ୟୁତ୍ତରରେ ହୁଜୁର ସ.ଅ କହିଲେ, ନା । ବରଂ ଦିନେ ତୁମେ ଓ ସଫ୍‌ୱାନ୍ ବିନ୍ ଉମୈୟାହ୍ ହତିମ୍ ନିକଟରେ ବସିଥିଲ ଓ କୁରୈଶ୍‌ମାନଙ୍କର ସେହି ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନଙ୍କ ସଂପର୍କରେ କଥାବାର୍ତ୍ତା କରୁଥିଲ ଯେଉଁମାନଙ୍କୁ ବଦର୍ ଯୁଦ୍ଧରେ ବଧ କରି ଗର୍ତ୍ତରେ ଫିଙ୍ଗି ଦିଆଯାଇଥିଲା। ତୁମେ ସେତେବେଳେ ସଫ୍‌ୱାନକୁ କହିଥିଲ ଯେ, ମୋ ଉପରେ ଯଦି ରଣ ନଥାଆନ୍ତା ଓ ନିଜର ସ୍ତ୍ରୀ ପିଲା ଛୁଆ ପ୍ରତି ମୁଁ ଯଦି ଚିନ୍ତିତ ନଥାଆନ୍ତି ତାହାହେଲେ ମୁଁ ଯାଇ ମୁହମ୍ମଦ ସ.ଅଙ୍କୁ **ନାଉଜୁବିଲ୍ଲାଃ** ହତ୍ୟା କରିଦେଇ ଥାଆନ୍ତି । ସଫ୍‌ୱାନ୍ ମୋର ସଂହାର ସର୍ତ୍ତ ସ୍ୱରୂପ ତୁମର ରଣ ପରିଶୋଧ କରିବା ଏବଂ ସ୍ତ୍ରୀ ସନ୍ତାନମାନଙ୍କର ଲାଳନ ପାଳନର ଦାୟିତ୍ୱ ବହନ କରିବାର ଜିମା ନେଇଥିଲା । ଅଲ୍ଲାଃତାଲା ଉକ୍ତ ସମସ୍ତ ବୃତ୍ତାନ୍ତ (କଥା) ଆଁହଜରତ ସ.ଅଙ୍କୁ କହି ଦେଇଥିଲେ ଯେ, ଉମୈର୍ ଓ ସଫୱାନ୍ ଏହିପରି କଥାବାର୍ତ୍ତା ହୋଇଛନ୍ତି । ଉମୈର୍ ଯେତେବେଳେ ଆଁହଜରତ ସ.ଅଙ୍କର ଉକ୍ତ କଥାକୁ ଶୁଣିଲା ସେତେବେଳେ ସହସା କହି ଉଠିଲା ଯେ, ମୁଁ ସାକ୍ଷ୍ୟ ଦେଉଅଛି ଯେ, ଆପଣ ସ.ଅ ଅଲ୍ଲାଃଙ୍କ ବାର୍ତ୍ତାବହ ଅଟନ୍ତି । ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଆପଣ ସ.ଅଙ୍କୁ ଆକାଶରୁ ଯେଉଁ ସନ୍ଦେଶ ପ୍ରାପ୍ତ ହେଉଛି ଓ ଆପଣ ସ.ଅଙ୍କ ଉପରେ ଯେଉଁ ଐଶୀବାଣୀ ଅବତୀର୍ଣ୍ଣ ହେଉଛି ଆମେମାନେ ତାହାକୁ ପ୍ରତ୍ୟାଖ୍ୟାନ କରୁଥିଲୁ ଏବଂ ଯେଉଁଠି ସେହି ପ୍ରସଙ୍ଗର ସଂପର୍କ ରହିଛି ତେବେ ସେତେବେଳେ ହତିମ୍ ନିକଟରେ ମୋ ବ୍ୟତୀତ ଏବଂ ସଫ୍‌ୱାନ୍ ବ୍ୟତୀତ ଅନ୍ୟ କୌଣସି ତୃତୀୟ ବକ୍ତି ଉପସ୍ଥିତ ନଥିଲା ଓ ନା ହିଁ ଅନ୍ୟ କୌଣସି ବ୍ୟକ୍ତିକୁ ସେହି କଥୋପକଥନ ସଂକ୍ରାନ୍ତରେ କୌଣସି ସୂଚନା ରହିଥିଲା । ତେଣୁ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ଏ ସଂକ୍ରାନ୍ତରେ ସୂଚନା ଦେଇପାରିବ ନାହିଁ ।"

ସୁତରାଂ ସକଳ ପ୍ରଶଂସା ଅଲ୍ଲାଃତାଲାଙ୍କ ନିମନ୍ତେ ଉଦ୍ଦିଷ୍ଟ ଯିଏ ଇସ୍‌ଲାମ୍ ଧର୍ମ ଆଡ଼କୁ ଆମମାନଙ୍କର ମାର୍ଗଦର୍ଶନ କଲେ ଓ ଆମମାନଙ୍କୁ ସତ୍‌ପଥ ଦେଖାଇଲେ। ଏହି ମାର୍ଗ ଉପରେ ପରିଚାଳିତ ହେବା ନିମନ୍ତେ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କଲେ । ଏହା ପରେ ଉମୈର୍ କଲ୍‌ମା ଶାହାଦତ୍ ପଢିଲେ । ପୁନଶ୍ଚ ଆଁହଜରତ ସ.ଅ ସାହାବାମାନଙ୍କୁ କହିଲେ, ହେ ସାହାବାମାନେ ! ନିଜ ଭାଇକୁ ଧର୍ମ ଶିକ୍ଷା ଦିଅ ଏବଂ ତା'କୁ ପବିତ୍ର କୁରଆନ୍ କରୀମ୍ ପଢାଅ ଓ ତା'ର କଏଦୀକୁ ମୁକ୍ତ କିରଦିଅ । ସୁତରାଂ ସାହାବାମାନେ ତୁରନ୍ତ ଆପଣ ସ.ଅଙ୍କ ଆଜ୍ଞା ପାଳନ କଲେ ।

ପୁନଶ୍ଚ ହ. ଉମୈର୍ ଆପଣ ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ସବୁବେଳେ ଅଲ୍ଲାଃତାଲାଙ୍କର ଅଲୋକକୁ ଲିଭାଇବା ନିମନ୍ତେ ଉଦ୍ୟମ କୁରଥିଲି ଏବଂ ଯେଉଁ ଲୋକମାନେ ଅଲ୍ଲାଃତାଲାଙ୍କ ଧର୍ମକୁ ସ୍ୱୀକାର କରି ନେଇଥିଲେ ସେମାନଙ୍କୁ ବଳପୂର୍ବକ କଷ୍ଟ ଦେଉଥିଲି । ଅତଃ ବର୍ତ୍ତମାନ ମୁଁ ଏହା ପସନ୍ଦ କରୁଛି ଯେ, ଆପଣ ସ.ଅ ମୋତେ ମକ୍କା ଯିବା ନିମନ୍ତେ ଅନୁମତି ପ୍ରଦାନ କରନ୍ତୁ । କାରଣ ସେଠାରେ ମକ୍କାବାସୀଙ୍କୁ ମୁଁ ଅଲ୍ଲାଃତାଲାଙ୍କ ଆଡ଼କୁ ଆମନ୍ତ୍ରିତ କରିବି ଓ ଲୋକମାନଙ୍କୁ ଇସ୍‌ଲାମ୍ ଧର୍ମ ସଂକ୍ରାନ୍ତରେ ନିମନ୍ତ୍ରଣ ଦେବି । ସମ୍ଭବତଃ ଅଲ୍ଲାଃତାଲା ସେମାନଙ୍କୁ ସତ୍‌ମାର୍ଗ ପ୍ରଦାନ କରିଦେବେ । ଅନ୍ୟଥା ମୁଁ ସେମାନଙ୍କୁ ପ୍ରତିମା ପୂଜା ଯୋଗୁଁ ସେହିପରି କଷ୍ଟ ଦେବି ଯେପରି ମୁଁ ଇସ୍‌ଲାମ୍ ଧର୍ମ ଯୋଗୁଁ ଆପଣ ସ.ଅଙ୍କ ସାହାବାମାନଙ୍କୁ ଦୁଃଖ କଷ୍ଟ ଦେଇ ଆସୁଥିଲି । ଆଁହଜରତ ସ.ଅ ଉମୈର୍‌କୁ ମକ୍କା ଯିବା ନିମନ୍ତେ ଅନୁମତି ପ୍ରଦାନ କରିଦେଲେ । ଆଁହଜରତ ସ.ଅ ହ. ଉମୈର୍ ର.ଅଙ୍କୁ ଅବିଶ୍ୱାସକାରୀମାନଙ୍କୁ କଷ୍ଟ ପହଞ୍ଚାଇବି ନିମନ୍ତେ ପ୍ରେରଣ କଲେ ନାହିଁ ବରଂ ତବ୍‌ଲିଗ୍ (ପ୍ରଚାର) କରିବା ନିମନ୍ତେ ପ୍ରେରଣ କଲେ । ସୁତରାଂ ସେ ମକ୍କାକୁ ଫେରି ଆସିଲେ ଏବଂ ତାଙ୍କର ପୁତ୍ର ୱହବ୍ ବିନ୍ ଉମୈର୍ ମଧ୍ୟ ମୁସଲମାନ ହୋଇଯାଇଥିଲେ ।

ଏପଟେ ଉମୈର୍ ମକ୍କାରରୁ ପ୍ରସ୍ଥାନ କରିବା ପରେ ସଫ୍‌ୱାନ୍ ଲୋକମାନଙ୍କୁ କହି ବୁଲୁଥିଲା ଯେ, ମୁଁ ତୁମମାନଙ୍କୁ ଏପରି ଏକ ଘଟଣା ସଂପର୍କରେ ଶୁଭ ସୂଚନା ପ୍ରଦାନ କରିବି ଯାହାକି ପାଖାପାଖି ଘଟିବାକୁ ଯାଉଛି । ଏହା ଫଳରେ ତୁମେମାନେ ବଦର୍ ଯୁଦ୍ଧର ଦୁର୍ଘଟଣାକୁ ଓ ବିପତ୍ତିକୁ ମଧ୍ୟ ଭୁଲିଯିବ । ସଫ୍‌ୱାନ୍ ପ୍ରତ୍ୟେକ ଆଗମନକାରୀ ଆରୋହଣକାରୀଙ୍କୁ ଉମୈର୍ ର.ଅଙ୍କ କାର୍ଯ୍ୟପଟୁତା ସଂପର୍କରେ ପଚାରୁଥିଲା । ପରିଶେଷରେ ଜଣେ ଆରୋହୀ ବ୍ୟକ୍ତି ମକ୍କା ପହଞ୍ଚିଲା ଏବଂ ସେ ସଫ୍‌ୱାନ୍‌କୁ କହିଲା, ହେ ସଫୱାନ୍ ! ଉମୈର୍ ଇସ୍‌ଲାମ୍ ଧର୍ମ ସ୍ୱୀକାର କରି ନେଇଛନ୍ତି ।

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ସଫ୍‌ୱାନ୍ ଏହି ପ୍ରତିଜ୍ଞା କଲା ଯେ, ସେ କେବେ ବି ହ. ଉମୈର୍ ର.ଅଙ୍କ ସହିତ କଥାବାର୍ତ୍ତା କରିବ ନାହିଁ ଏବଂ କେବେ ବି ତା'କୁ ଲାଭ ପହଞ୍ଚାଇବ ନାହିଁ। ଏହାପରେ ହ. ଉମୈର୍ ର.ଅ ଯେତେବେଳେ ମକ୍କା ପହଞ୍ଚିଲେ ସେତେବେଳକୁ ସେ ମୁସଲମାନ ହୋଇଯାଇଥିଲେ । ହ. ଉମୈର୍ ର.ଅ ପ୍ରଥମେ ସଫ୍‌ୱାନ୍ ଘରକୁ ଗଲେ ନାହିଁ । ବରଂ ସିଧା ସଳଖ ନିଜ ଘରକୁ ଗଲେ ଓ ସେଠାରେ ସେ ପରିବାର ବର୍ଗଙ୍କ ସମ୍ମୁଖରେ ନିଜର ଇସ୍‌ଲାମ୍ ଧର୍ମର ଘୋଷଣା କଲେ ଏବଂ ସେମାନଙ୍କୁ ମୁସଲମାନ ହେବା ନିମନ୍ତେ ଆମନ୍ତ୍ରିତ କଲେ । ଯେତେବେଳେ ସଫ୍‌ୱାନକୁ ଉକ୍ତ କଥା ସଂପର୍କରେ ଜ୍ଞାତ ହେଲା ସେତେବେଳେ ସେ କହିଲା, ମୁଁ ପୂର୍ବରୁ ହିଁ ବୁଝି ଯାଇଥିଲି ଯେ, ସେ (ହ. ଉମୈର୍ ର.ଅ) ମୋ ନିକଟକୁ ଆସିବା ବଦଳରେ ନିଜ ଘରକୁ ଚାଲିଯିବ । ସେ ବିଧର୍ମୀ ଏବଂ ମାର୍ଗଭ୍ରଷ୍ଟ ହୋଇଯାଇଛି । ମୁଁ ବର୍ତ୍ତମାନ ତା' ସହିତ କେବେ ବି କଥାବାର୍ତ୍ତା କରିବି ନାହିଁ ଓ ନା ହିଁ ତା'କୁ ଓ ତା'ର ପରିବାର ବର୍ଗଙ୍କୁ ମୋ ଅସ୍ତିତ୍ୱରୁ କେବେ ବି ଲାଭ ପହଞ୍ଚିବ (ମିଳିବ) ନାହିଁ ।

ମୁସ୍‌ରିକିନ୍‌ମାନେ (ଈଶ୍ୱରଙ୍କ ସହିତ ସମକକ୍ଷ କରୁଥିବା ବ୍ୟକ୍ତିମାନେ) ନିଜର ସିର୍କକୁ ଧର୍ମ ବୋଲି ମନେକରୁଥିଲେ ଏବଂ ଏକେଶ୍ୱରଙ୍କ ଉପାସନାକୁ ମାର୍ଗଭ୍ରଷ୍ଟ ବୋଲି ମନେକରୁଥିଲେ । ଆଜିକାଲି ମଧ୍ୟ ଏହିପରି ସମାନ ଅବସ୍ଥା ରହିଛି । ଏତଦ୍‌ପରେ ଉମୈର୍ ର.ଅ ସଫ୍‌ୱାନ୍ ବିନ୍ ଉମୈୟାହ୍ ପାଖରେ ପହଞ୍ଚିଲେ ଏବଂ ତା'କୁ ଡାକି କହିଲେ, ହେ ସଫ୍‌ୱାନ୍ ! ତୁମେ ଆମମାନଙ୍କ ଅଧିପତିମାନଙ୍କ ମଧ୍ୟରୁ ଅନ୍ୟତମ ଅଧିପତି ଅଟ । ତୁମକୁ ଜ୍ଞାତ ଅଛି ବା ତୁମେ ତ' ଜାଣିଛ ଯେ, ଆମେମାନେ ପ୍ରସ୍ତର ମୂର୍ତ୍ତିର ଉପାସନା କରୁଥିଲୁ ଏବଂ ସେହି ପଥର ଦେବତାମାନଙ୍କ ସକାଶେ ବଳି କରୁଥିଲୁ । କ'ଣ ଏହା ଧର୍ମ ଅଟେ ? ମୁଁ ସାକ୍ଷ୍ୟ ଦେଉଅଛି ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କୌଣସି ବସ୍ତୁ ଉପାସ୍ୟ ଯୋଗ୍ୟ ନୁହେଁ ଓ ମୁହମ୍ମଦ୍ ସ.ଅ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟନ୍ତି । କିନ୍ତୁ ସଫ୍‌ୱାନ୍ ହ. ଉମୈର ର.ଅଙ୍କ କଥାର କୌଣସି ଉତ୍ତର ଦେଲା ନାହିଁ ଓ ନା ହିଁ ଉମୈର୍ ର.ଅଙ୍କ ଆଡ଼କୁ ଧ୍ୟାନ ଦେଲା । **(ଅସ୍ ସିରତୁଲ୍ ହଲ୍‌ବିୟାହ୍, ଭାଗ-2, ପୃ-268-270, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ-2002 ମସିହା)**

ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ର.ଅ ସିରତ୍ ଖାତମୁନ୍ ନବୀୟିନ୍‌ର ପୁସ୍ତକରେ ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ମକ୍କାର ଅବିଶ୍ୱାସକାରୀମାନେ ଯେଉଁମାନେ ବର୍ତ୍ତମାନ ପର୍ଯ୍ୟନ୍ତ କେବଳ ପ୍ରକାଶ୍ୟ ବଳ ଏବଂ ଅହଂକାରପୂର୍ବକ ଯୁଦ୍ଧ କରୁଥିଲେ ସେମାନେ ବର୍ତ୍ତମାନ ମୁକ୍ତ ଭୂମିରେ ମୁସଲମାନମାନଙ୍କ ଠାରୁ ପରାଜିତ ହୋଇ ଗୁପ୍ତ ରୂପେ ଗୁପ୍ତ ଷଡ଼ଯନ୍ତ୍ର ରଚିବା ପ୍ରତି ମଧ୍ୟ ଆସକ୍ତ ହେବାକୁ ତଥା ମନ ବଳାଇବାକୁ ଲାଗିଲେ। ସୁତରାଂ ଉକ୍ତ ଐତିହାସିକ ଘଟଣାଟି ଯାହାକି ବଦର୍ ଯୁଦ୍ଧର କିଛି ଦିନ ପରେ ସଂଘଟିତ ହୋଇଥିଲା ସେହି ବିପଦର ଏକ ଜ୍ୱଳନ୍ତ ଉଦାହରଣ ରହିଛି। ଉଲ୍ଲେଖ ରହିଛି ଯେ, ବଦର୍ ଯୁଦ୍ଧର କିଛି ଦିନ ପରେ ଉମୈର୍ ବିନ୍ ୱହବ୍ ଓ ସଫ୍‌ୱାନ୍ ବିନ୍ ଉମୈୟାହ୍ ବିନ୍ ଖଲ୍‌ଫ୍ ଇତ୍ୟାଦି ଯେକି ପ୍ରଭାବଶାଳୀ କୁରୈଶୀୟ ଅଧିପତିମାନଙ୍କ ମଧ୍ୟରୁ ଅନ୍ୟତମ ଅଧିପତି ଥିଲେ ସେମାନେ ଦୁହେଁ କାଆବାର ପ୍ରାଙ୍ଗଣରେ ବସିଥିଲେ ଏବଂ ବଦ୍‌ର ଯୁଦ୍ଧରେ ପ୍ରାଣ ହରାଇଥିବା କୁରୈଶମାନଙ୍କ ବିୟୋଗ ଯୋଗୁଁ ଶୋକ ପାଳନ କରୁଥିଲେ । ସେମାନେ ଏହା କହୁଥିଲେ ଯେ, ବର୍ତ୍ତମାନ ଜୀବନ ବଞ୍ଚିବାର କୌଣସି ଆନନ୍ଦ ଆଉ ରହିଲା ନାହିଁ ଏବଂ ଉମୈର୍ ଏହା ମଧ୍ୟ କହିଲେ ଯେ, ମୋର ଋଣ ଯଦି ମୋତେ ନ ଅଟକାଇ ଥାଆନ୍ତା ଓ ମୋର ସ୍ତ୍ରୀ ଓ ସନ୍ତାମାନଙ୍କର ଚିନ୍ତା ମୋତେ ଯଦି ନହୁଅନ୍ତା ତେବେ ମୁଁ ତ' ନିଜର ଜୀବନକୁ ବିପଦରେ ପକାଇବାକୁ ମଧ୍ୟ ପଶ୍ଚାତପଦ ହୋଇ ନଥାଆନ୍ତି । ମୁସଲମାନମାନଙ୍କ ପାଖକୁ ଯିବାର ମୋର ଏକ ବାହାନା ମଧ୍ୟ ରହିଛି । ତାହା ଏହିକି ଯେ, ମୋର ପୁତ୍ର ମୁସଲମାନମାନଙ୍କ କବଳରେ କଏଦ୍ ହୋଇ ରହିଛି । ତେଣୁ ମୁଁ ସେଠାକୁ ଯାଇ **ନାଉଜୁବିଲ୍ଲାଃ** ଆଁହଜରତ ସ.ଅଙ୍କୁ ହତ୍ୟା କରିଦେବି । ସେ ଯାହା ହେଉ ନା କାହିଁକି ଏତଦ୍‌ପରେ ସଫ୍‌ୱାନ୍ ହ. ଉମୈରଙ୍କୁ ଏହି ପ୍ରତିଶୃତି ଦେଇ କହିଲା କି ସେ ତାଙ୍କର ଋଣ ପରିଶୋଧ କରିଦେବ ଓ ତାଙ୍କ ସନ୍ତାନମାନଙ୍କର ଲାଳନ ପାଳନ ଦାୟିତ୍ୱ ବହନ କରିବ । ସୁତରାଂ ଏତଦ୍‌ପରେ ଉମୈର୍ ନିଜ ଘରକୁ ଆସିଲେ, ଖଡ଼୍‌ଗ୍‌କୁ ବିଷ ମଧ୍ୟରେ ବୁଡ଼ାଇ ମକ୍କାରୁ ବାହାରି ପଡ଼ିଲେ । ମଦିନାରେ ଯେତେବେଳେ ସେ ପହଞ୍ଚିଲେ ସେତେବେଳେ ହ. ଉମର ର.ଅ ଯେକି ବାକପଟୁ, ବୁଦ୍ଧିମାନ ଓ ବିଚକ୍ଷଣ ବ୍ୟକ୍ତି ଥିଲେ ସେ ଉମୈରକୁ ଦେଖି ଆତଙ୍କିତ ହେଲେ ଏବଂ ତତ୍‌କ୍ଷଣାତ୍ ଆଁହଜରତ ସ.ଅଙ୍କୁ ଯାଇ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଉମୈର୍ ଆସିଛି ଏବଂ ମୁଁ ତା' ସଂପର୍କରେ ଆଦୌ ସନ୍ତୁଷ୍ଟ ନାହିଁ । ଅର୍ଥାତ୍ ମୋ ମନ ଆଦୌ ମାନୁ ନାହିଁ । ତା'କୁ ନେଇ ମୋ ମନରେ ସନ୍ଦେହ ଉତ୍ପନ୍ନ ହେଉଛି । ଆଁହଜରତ ସ.ଅ କହିଲେ, ହେ ଉମର୍ ବିନ୍ ଖତ୍ତାବ ! ତୁମେ ଉମୈର୍‌କୁ ମୋ ପାଖକୁ ନେଇ ଆସ । ହ. ଉମର୍ ର.ଅ ତା'କୁ ନେବା ପାଇଁ ଯେତେବେଳେ ଗଲେ ସେତେବେଳେ ଆପଣ ର.ଅ ସାହାବାମାନଙ୍କୁ ମଧ୍ୟ କହିଦେଇ ଗଲେ ଯେ, ହେ ସାହାବାମାନେ ମୁଁ ଉମୈର୍‌କୁ ଆଁହଜରତ ସ.ଅଙ୍କ ସହିତ ସାକ୍ଷାତ୍ କରାଇବା ନିମନ୍ତେ ନେଇ ଯାଉଛି । ତା'ର ହାବ ଭାବ ଦେଖି ମୋ ମନରେ ସନ୍ଦେହ ଉତ୍ପନ୍ନ ହେଉଛି । ତେଣୁ ମୁଁ ତୁମମାନଙ୍କୁ ଅନୁରୋଧ କରୁଛି ଯେ, ତୁମେମାନେ ଯାଇ ଆଁହଜରତ ସ.ଅଙ୍କ ପାଖରେ ବସିପଡ଼ ଏବଂ ସଜାଗ ଓ ସତର୍କ ରହିବ । ଏତଦ୍‌ପରେ ହ. ଉମର୍ ର.ଅ ଉମୈରଙ୍କୁ ସାଙ୍ଗରେ ଧରି ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ । ଆପଣ ସ.ଅ ଉମୈର୍‌ଙ୍କୁ ବିନମ୍ରତାପୂର୍ବକ ନିଜ ପାଖରେ ବସାଇ ପଚାରିଲେ । ଅର୍ଥାତ୍ ହେ ଉମୈର୍ ! ତୁମେ କେଉଁ ଉଦ୍ଦେଶ୍ୟ ରଖି ଏଠାକୁ ଆସିଅଛ ? ଉମୈର୍ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ମୋର ପୁତ୍ର ଆପଣ ସ.ଅଙ୍କ କବଳରେ କଏଦ୍ ହୋଇ ରହିଛି, ତେଣୁ ମୁଁ ନିଜର ପୁତ୍ରକୁ ମୁକୁଳାଇବା ନିମନ୍ତେ ଏଠାକୁ ଆସିଛି । ଆଁହଜରତ ସ.ଅ ପୁନଶ୍ଚ କହିଲେ, ହେ ଉମୈର୍ ! ଏହି ଖଡ଼୍‌ଗଟି ବେକରେ କାହିଁକି ଓହଳାଇ ରଖିଛି ଓ ଏହାକୁ ତୀକ୍ଷ୍ଣ କରିଛ ? ସେ କହିଲା, ଆପଣ କେଉଁ ଖଡ଼୍‌ଗ କଥା କହୁଛନ୍ତି ? ବଦର୍ ଯୁଦ୍ଧରେ ଖଡ଼୍‌ଗ କ'ଣ କାମ କରିଥିଲା ? ଉମୈର୍ ଅତ୍ୟନ୍ତ ଚତୁରତାର ସହିତ କଥା କହିବାକୁ ଲାଗିଲା । ଆପଣ ସ.ଅ କହିଲେ, ନା । ହେ ଉମୈର୍ ତୁମେ ଠିକ୍ ଠିକ୍ (ସତ ସତ) କୁହ କିପରି ଓ କାହିଁକି ଏଠାକୁ ଆସିଛ ? ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉମୈର୍ ସେହି କଥା କହିଲା ଯାହାକି ମୁଁ ପୂର୍ବେ କହି ସାରିଛି । ଅର୍ଥାତ୍ ନିଜର ପୁତ୍ରକୁ ମୁକୁଳାଇବା ନିମନ୍ତେ ଆସିଛି । ଆପଣ ସ.ଅ କହିଲେ, ଆଚ୍ଛା ତାହାହେଲେ ତୁମେ ସଫ୍‌ୱାନ୍ ସହିତ ମିଶି କାଆବାର ପ୍ରାଙ୍ଗଣରେ ଷଡ଼ଯନ୍ତ୍ର ରଚି ନଥିଲ ? ଆପଣ ସ.ଅ ଉମୈରକୁ ଷଡ଼ଯନ୍ତ୍ର ସଂପର୍କରେ ଇଙ୍ଗିତ କଲେ । ଉମୈର୍ ଉକ୍ତ କଥାକୁ ଶୁଣି ସ୍ତବ୍ଧ ହୋଇଗଲା, ସେ କିନ୍ତୁ ଅପର ମୁହୂର୍ତ୍ତର ନିଜକୁ ସମ୍ଭାଳି ଏବଂ ସଜାଡ଼ି ହୋଇ କହିଲା। କାହିଁ ନାହିଁ ତ' ମୁଁ କୌଣସି ଷଡ଼ଯନ୍ତ୍ର ରଚି ନାହିଁ ତ' ? ଆପଣ ସ.ଅ କହିଲେ, ହେ ଉମୈର୍ କ'ଣ ତୁମେ ମୋ ହତ୍ୟାର ଷଡ଼ଯନ୍ତ୍ର ରଚି ନାହଁ ? କିନ୍ତୁ ହେ ଉମୈର୍ ଏକଥା ସ୍ମରଣ ରଖ ! ଅଲ୍ଲାଃତାଲା ତୁମକୁ ମୋ ପର୍ଯ୍ୟନ୍ତ ପହଞ୍ଚିବାକୁ ସାମର୍ଥ୍ୟ ପ୍ରଦାନ କରିବେ ନାହିଁ। ଉମୈର୍ ଏକ ଗଭୀର ଚିନ୍ତାରେ ପଡ଼ିଗଲା ଏବଂ ପୁନଶ୍ଚ କହିଲା ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସତ କହୁଛନ୍ତି । ଆମେ ଦୁହେଁ ଏହି ଷଡ଼ଯନ୍ତ୍ର ରଚିଥିଲୁ। କିନ୍ତୁ ଏପରି ପ୍ରତିତ ହେଉଛି ଯେ, ଈଶ୍ୱର ଆପଣଙ୍କ ସହିତ ଅଛନ୍ତି । ସେ ଆପଣଙ୍କୁ ଆମର ଯୋଜନା ସଂପର୍କରେ ସୂଚନା ପ୍ରଦାନ କରିଦେଲେ, ଅନ୍ୟଥା ଯେତେବେଳେ ମୋ ମଧ୍ୟରେ ଓ ସଫ୍‌ୱାନଙ୍କ ମଧ୍ୟରେ କଥାବାର୍ତ୍ତା ହୋଇଥିଲା ସେତେବେଳେ ସେଠାରେ ତୃତୀୟ ବ୍ୟକ୍ତି ଉପସ୍ଥିତ ନଥିଲା । ସମ୍ଭବତଃ ଈଶ୍ୱର ମୋର ବିଶ୍ୱାସ ଆଣିବା ନିମନ୍ତେ ଏହି ପ୍ରସ୍ତାବ ସ୍ଥିର କରିଥିଲେ ଏବଂ ମୁଁ ସତ୍ୟ ହୃଦୟର ସହିତ ଆପଣ ସ.ଅଙ୍କ ଉପରେ ବିଶ୍ୱାସ ଆଣୁଛି ।

ଆପଣ ସ.ଅ ଉମୈରଙ୍କ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ଯୋଗୁଁ ଅତି ପ୍ରସନ୍ନ ହେଲେ ଏବଂ ସାହାବାମାନଙ୍କୁ କହିଲେ, ହେ ସାହାବାମାନେ ବର୍ତ୍ତମାନ ଏ (ଉମୈର୍) ତୁମର ଭାଇ ଅଟେ । ଉମୈରକୁ ଇସ୍‌ଲାମ୍ ଧର୍ମର ଶିକ୍ଷା ସମ୍ବନ୍ଧରେ ପରିଚୟ ପ୍ରଦାନ କର ଓ ତାଙ୍କର କଏଦୀକୁ ମୁକ୍ତ କରିଦିଅ । ଅତଃ ଉମୈର୍ ବିନ୍ ୱହବ୍ ମୁସଲମାନ ହୋଇଗଲେ ଓ ଖୁବ୍ ଶୀଘ୍ର ସେ ବିଶ୍ୱାସ ଓ ନିଷ୍ଠାରେ ବେଶ୍ ଉନ୍ନତି କଲେ । ପରିଶେଷରେ ସତ୍ୟତାର ଆଲୋକର ଆପଣ ଏପରି କାଇଲ୍ (ପ୍ରକାଶକାରୀ) ହୋଇଗଲେ ଯେ, ଆଁହଜରତ ସ.ଅଙ୍କୁ ଜିଦ୍ କରି କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ମୋତେ ମକ୍କା ଯିବା ନିମନ୍ତେ ଅନୁମତି ପ୍ରଦାନ କରନ୍ତୁ। କାରଣ ମୁଁ ସେଠାକାର ଲୋକମାନଙ୍କୁ ତବ୍‌ଲିଗ୍ (ପ୍ରଚାର) କରିବି । ଆଁହଜରତ ସ.ଅ ଅନୁମତି ପ୍ରଦାନ କଲେ ଏବଂ ଉମୈର୍ ମକ୍କାରେ ପହଞ୍ଚି ତବ୍‌ଲିଗ୍‌ର ଉତ୍ସାହ କ୍ରମେ ଅନେ ଲୋକମାନଙ୍କୁ ଗୁପ୍ତ ରୂପେ ମୁସଲମାନ କରିନେଲେ । ସଫ୍‌ୱାନ୍ ଯେକି ଦିନ ରାତି ଆଁହଜରତ ସ.ଅଙ୍କୁ ହତ୍ୟା ର ଖବର ଶୁଣିବା ପାଇଁ ଅପେକ୍ଷା କରିଥିଲା , ସେ କୁରୈଶ୍‌କୁ କହୁଥିଲା ଯେ, ବର୍ତ୍ତମାନ ତୁମେମାନେ ଏକ ଶୁଭ ସମାଚାର ଶୁଣିବା ନିମନ୍ତେ ପ୍ରସ୍ତୁତ ରୁହ । ସେ ଯେତେବେଳେ ଉକ୍ତ ଦୃଶ୍ୟକୁ ଦେଖିଲା ସେତେବେଳେ ସେ ସ୍ତବ୍ଧ ଓ ଆବାକ୍ ହୋଇଗଲା । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ- ହ. ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ୍ ସାହେବ ଏମ୍.ଏ ର.ଅ, ପୃ-374-376ରୁ**

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ଉଦ୍ଧୃତ)

ଅଲ୍ଲାମା ଇବ୍‌ନେ କସିର୍ ସୁରାଃ ବକ୍ରାହର ଆୟତ୍ ସଂଖ୍ୟା 9,10ର ବ୍ୟାଖ୍ୟା କରି ଉଲ୍ଲେଖ କରନ୍ତି ଯେ, ଯେତେବେଳେ ବଦର୍ ଯୁଦ୍ଧ ହେଲା ଏବଂ ଅଲ୍ଲାଃତାଲା ନିଜର ପବିତ୍ର ବାଣୀକୁ ବିଜୟ ଲାଭ ପ୍ରଦାନ କଲେ ଓ ଇସ୍‌ଲାମ୍ ଧର୍ମାବଲମ୍ବୀଙ୍କୁ ସମ୍ମାନ ପ୍ରଦାନ କଲେ ସେତେବେଳେ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲ୍ ଯେକି ମଦିନାର ଧନାଢ୍ୟ ବ୍ୟକ୍ତି ତଥା ବନୁ ଖଜ୍‌ରଜ୍ ସଂପ୍ରଦାୟର ଅନ୍ୟତମ ବ୍ୟକ୍ତି ଥିଲା। ସେ ଅଶିକ୍ଷିତ ଯୁଗରେ ଉଭୟ ସଂପ୍ରଦାୟ ଅର୍ଥାତ୍ ଓସ୍ ଓ ଖଜରଜ୍ ସଂପ୍ରଦାୟର ଅଧିପତି ଥିଲା । ସେହି ଲୋକମାନଙ୍କ ଉପରେ ସେ ଏହା ମନସ୍ଥ କରିନେଇଥିଲା ଯେ, ସେ ସେମାନଙ୍କ ଉପରେ ଶାସନ କରିବ । ଅର୍ଥାତ୍ ସେହି ସଂପ୍ରଦାୟର ଲୋକମାନେ ଅବଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲକୁ ନିଜର ଅଧିପତି ମନେକରୁଥିଲେ। ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲର ସଂପ୍ରଦାୟ ଏକ ମୁକୁଟ ପ୍ରସ୍ତୁତ କରି ତା'କୁ ସମ୍ରାଟ୍ କରିବା ନିମନ୍ତେ ଯୋଜନା ପ୍ରସ୍ତୁତ କରିବାରେ ନିମଜ୍ଜିତ ଥିଲେ। ସେହି ସମୟରେ ପୁଣ୍ୟ ଆସି ପହଞ୍ଚିଗଲା । ଅର୍ଥାତ୍ ଇସଲାମ୍ ଧର୍ମର ବାର୍ତ୍ତା ଆସି ପହଞ୍ଚିଗଲା ଏବଂ ଲୋକମାନେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲେ ଏବଂ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲ୍‌କୁ ଭୁଲିଗଲେ । ସେହି କାରଣରୁ ଇସ୍‌ଲାମ୍ ଧର୍ମ ଏବଂ ଇସ୍‌ଲାମ୍ ଧର୍ମାବଲମ୍ବୀମାନେ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲ୍ ମନରେ କଣ୍ଟା ପରି ଲାଗିଲେ । ଯେତେବେଳେ ବଦର୍ ଯୁଦ୍ଧ ହେଲା ସେତେବେଳେ ସେ କହିବାକୁ ଲାଗିଲା, ତା' ମନେର ଉକ୍ତ ବିଷୟଟି ବିସ୍ତାର ଲାଭ ପାଇଥିଲା ଯେ, କିଛିଟା ମୁସଲମାନ ଲୋକ ଅଛନ୍ତି ବଦର ଯୁଦ୍ଧରେ ସେମାନେ ପରାଜିତ ହୋଇଯିବେନି କି ? କିନ୍ତୁ ଯେତେବେଳେ ମୁସଲମାନମାନେ ବଦର୍ ଯୁଦ୍ଧରେ ଜୟଯୁକ୍ତ ହେଲେ ସେତେବେଳେ ଉକ୍ତ ବିଜୟ ଦ୍ୱାରା ତା' ମନରେ ଏହି ଚିନ୍ତା ଉତ୍ପନ୍ନ ହେଲା ଯେ, ସେ ଆଉ ଅଧିପତି ହୋଇପାରିବ ନାହିଁ । ତେଣୁ ପ୍ରକାଶ୍ୟ ରୂପେ ତ' ସେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲା ଏବଂ ତା'ର ପଦାଙ୍କ ଅନୁସରଣ କରି ତା'ର ଅନୁଗାମୀ ଏବଂ ସମର୍ଥକମାନଙ୍କର ଏକ ଗୋଷ୍ଠୀ ମଧ୍ୟ ଇସଲାମ୍ ଧର୍ମ ସ୍ୱୀକାର କରିନେଲା । ସେହି ଗୋଷ୍ଠୀରେ କେତେକ ଲୋକ ଗ୍ରନ୍ଥଧାରୀମାନେ ମଧ୍ୟ ରହିଥିଲେ । **(ତଫ୍‌ସିର୍ ଇବ୍‌ନେ କସିର୍, ଭାଗ-1, ପୃ-87, ପ୍ରଦତ୍ତ ଆୟତ୍ ୱମିନନ୍ ନାସି ମଇଁ ଯକୁଲୁ....... ୱମା ୟଶ୍‌ଉରୁନ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1998 ମସିହା) (ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-3, ପୃ-418, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-1993 ମସିହା)**

ତତ୍‌ସମ୍ବନ୍ଧରେ ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ଏହିପରି ଉଲ୍ଲେଖ କରିଛନ୍ତି: "ମଦିନାରେ ଏଯାବତ୍ ୱସ୍ ଓ ଖଜରଜ୍ ସଂପ୍ରଦାୟର ଅନେକ ଲୋକମାନେ ସିର୍କ ଉପରେ ପ୍ରତିଷ୍ଠିତ ଥିଲେ । ବଦର୍ ଯୁଦ୍ଧର ବିଜୟ ସେମାନଙ୍କ ମଧ୍ୟରେ ଏକ ଆଲୋଡ଼ନ ସୃଷ୍ଟି କରିଦେଇଥିଲା ଏବଂ ସେମାନଙ୍କ ମଧ୍ୟରୁ ଅନେକ ଲୋକମାନେ ଆଁହଜରତ ସ.ଅଙ୍କ ସେହି ମହାନ ଏବଂ ଅଭୂତପୂର୍ବ ଓ ଚମତ୍କାରିକ ବିଜୟକୁ ଦେଖି ଇସ୍‌ଲାମ୍ ଧର୍ମର ସତ୍ୟତାକୁ ସ୍ୱୀକାର କରି ନେଇଥିଲେ । ଏତଦ୍‌ପରେ ମଦିନାରୁ ପ୍ରତିମା ପୂଜାର ତତ୍ତ୍ୱଗୁଡ଼ିକ ଦ୍ରୁତ ଗତିରେ ହ୍ରାସ ପାଇବାକୁ ଆରମ୍ଭ ହେଲା । କିନ୍ତୁ ଏପରି କେତେକ ବ୍ୟକ୍ତିମାନେ ମଧ୍ୟ ଥିଲେ ଯେଉଁମାନଙ୍କ ହୃଦୟରେ ଇସ୍‌ଲାମ୍ ଧର୍ମର ସେହି ବିଜୟ ଦ୍ୱୈଷାଭାବ, ଈର୍ଷାର ବହ୍ନୀ ପ୍ରଜ୍ୱଳିତ କରିଦେଲା । ସେମାନେ ଖୋଲମଖୋଲା ବିରୋଧକୁ ନିୟମବିରୁଦ୍ଧୀୟ ବୋଲି ମନେକରି ପ୍ରକାଶ୍ୟ ରୂପେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲେ । କିନ୍ତୁ ଭିତରେ ଭିତରେ ଇସ୍‌ଲାମ୍ ଧର୍ମକୁ ନିଶ୍ଚିହ୍ନ କରିଦେବା ନିମନ୍ତେ ତତ୍ପର ହୋଇ କପଟବିଶ୍ୱାସୀଙ୍କ ଗୋଷ୍ଠୀରେ ସାମିଲ୍ ହୋଇଗଲେ । ସେହି ଅଚର୍ଚ୍ଚିତ ଲୋକମାନଙ୍କ ମଧ୍ୟରୁ ଅନ୍ୟତମ ବ୍ୟକ୍ତି ହେଉଛି ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲ୍ । ସେ ଖଜ୍‌ରଜ୍ ସଂପ୍ରଦାୟର ଏକ ବିଖ୍ୟାତ ଓ ଜଣାଶୁଣା ଧନାଢ୍ୟ ବ୍ୟକ୍ତି ଥିଲା । ଆଁହଜରତ ସ.ଅଙ୍କ ମଦିନାରେ ଆଗମନ ଫଳରେ ନିଜର ଆଧିପତିତ୍ୱ ହରାଇବାର ଦୁଃଖ ଦୁର୍ଦ୍ଦଶା ଭୋଗି ସାରିଥିଲା । ଉକ୍ତ ବ୍ୟକ୍ତି ବଦର୍ ଯୁଦ୍ଧର ପରେ ପ୍ରକାଶ୍ୟ ରୂପେ ତ' ମୁସଲମାନ ହୋଇଗଲା କିନ୍ତୁ ଏହାର ମନ ଇସ୍‌ଲାମ୍ ଧର୍ମର ବିରୁଦ୍ଧରେ ବିଦ୍ୱେଷ ଓ ଈର୍ଷା ଦ୍ୱାରା ପରିପୂର୍ଣ୍ଣ ଥିଲା। ସେ କପଟବିଶ୍ୱାସୀଙ୍କର ଅଧିପତି ହୋଇ ଗୁପ୍ତ ଭାବରେ ଇସ୍‌ଲାମ୍ ଧର୍ମ ଏବଂ ଆଁହଜରତ ସ.ଅଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରିବାର ପରମ୍ପରା ଆରମ୍ଭ କରିଦେଲା । ସୁତରାଂ ପରବର୍ତ୍ତୀ ଘଟଣାବଳୀରୁ ଏହା ପ୍ରତିତ ହୁଏ ଯେ, ଉକ୍ତ ବ୍ୟକ୍ତି ଜଣକ କିଭଳି ବେଳେବେଳେ ଇସ୍‌ଲାମ୍ ଧର୍ମ ନିମନ୍ତେ ଅତ୍ୟନ୍ତ ଘଡ଼ିସନ୍ଧି ପରିସ୍ଥିତି ସୃଷ୍ଟି କରିଦେବାର କାରଣ ସାଜିଥିଲା ।" **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ- ହ.ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ.ଏ ର.ଅ,ପୃ-376-377)**

ଯେତେବେଳେ ଆଁହଜରତ ସ.ଅ ବନୁ ସୁଲୈମ୍ ଓ କର୍କରତୁଲ୍ କୁଦର୍‌ରୁ ଫେରିଲେ ସେତେବେଳେ କିଛି ଦିନ ପରେ ଆପଣ ସ.ଅଙ୍କୁ ଏହି ସୂଚନା ପ୍ରାପ୍ତ ହେଲା ଯେ, ବନୁ ସୁଲୈମ୍ ଓ ବନୁ ଗତ୍‌ଫାନ୍‌ର ଲୋକମାନେ କର୍କରତୁଲ୍ କୁଦର୍ ନାମକ ସ୍ଥାନରେ ଏକତ୍ରିତ ହୋଇଛନ୍ତି ଏବଂ ମଦିନା ଉପରେ ଆକ୍ରମଣ କରିବା ନିମନ୍ତେ ଯୋଜନା ପ୍ରସ୍ତୁତ କରୁଛନ୍ତି । ଏକ ସମତଳ ଭୂମି କ୍ଷେତ୍ର ଥିଲା ଉକ୍ତ ଭୂମିରେ ଏକ ଝରଣା ଥିଲା ଯାହାର ନାମ କର୍କରତୁଲ୍ କୁଦର୍ ଅଟେ । ଉକ୍ତ ଝରଣାଟି ନଜଦ୍ ମାର୍ଗରେ ମକ୍କା ଠାରୁ ସିରୀୟା ଅଭିମୁଖେ ଯାଉଥିବା ରାଜପଥରେ ମଦିନା ଠାରୁ 96 ମାଇଲ୍ ବ୍ୟବଧାନରେ ଅବସ୍ଥିତ ଅଟେ ।

ସେ ଯାହା ହେଉ ନା କାହିଁକି ଉକ୍ତ ସୂଚନା ମିଳିବା ମାତ୍ରେ ରସୁଲ୍ କରୀମ୍ ସ.ଅ ଏହି ନିଷ୍ପତ୍ତି ନେଲେ ଯେ, ବନୁ ସୁଲୈମ୍ ଓ ବନୁ ଗତ୍‌ଫାନ୍ ଅଭିମୁଖେ ସ୍ୱୟଂ ତୁରନ୍ତ ପ୍ରସ୍ଥାନ କରି ସେହି ଉପଦ୍ରବୀ ଅଭିଳାଷାକୁ ଧୂଳିସାତ୍ କରିଦେବେ । ସୁତରାଂ ଆପଣ ସ.ଅ 300 ସାହାବାମାନଙ୍କର ସୈନ୍ୟ ନେଇ ସ୍ୱୟଂ କର୍କରତୁଲ୍ କୁଦର୍ ଅଭିମୁଖେ ବାହାରି ପଡ଼ିଲେଲ ।

ଯୁଦ୍ଧ ନିମନ୍ତେ ପ୍ରସ୍ଥାନ କରିବା ସଂକ୍ରାନ୍ତରେ ବିଭିନ୍ନ ମତାମତ ରହିଛି । ଇବ୍‌ନେ ଇସ୍‌ହାକ୍‌ଙ୍କ କଥନ ଅନୁଯାୟୀ ରସୁଲୁଲ୍ଲାଃ ସ.ଅ ବଦର୍ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନର ସପ୍ତମ ଦିନ ପରେ ଶେଷ ରମ୍‌ଜାନ୍ କିମ୍ବା ପ୍ରଥମ ଶୱାଲ୍ 2 ହିଜ୍ରୀରେ ଉକ୍ତ ଅଭିଯାନରେ ବାହାରିଥିଲେ । ତବ୍‌କାତ୍ ଇବ୍‌ନେ ସାଆଦ୍‌ରେ ଉଲ୍ଲେଖ ରହିଛି, ବନୁ ସୁଲୈମ୍ ଯୁଦ୍ଧ 6 ଜମାଦିଉଲ୍ ଉଲାରେ ହୋଇଥିଲା । ୱାକ୍‌ଦିଙ୍କ ଅନୁଯାୟୀ ଉକ୍ତ ଯୁଦ୍ଧ ଅର୍ଦ୍ଧ ମୁହର୍ରମ୍ 3 ହିଜ୍ରୀରେ ହୋଇଥିଲା । ୱାକ୍‌ଦିଙ୍କ ଅନେକ ବର୍ଣ୍ଣନା ପ୍ରାୟତଃ ଦୁର୍ବଳ ହୋଇଥାଏ । ଉକ୍ତ ଯୁଦ୍ଧର ନେତୃତ୍ୱ ସ୍ୱୟଂ ରସୁଲୁଲ୍ଲାଃ ସ.ଅ ନେଇଥିଲେ ଓ ଆପଣ ସ.ଅଙ୍କ ଧ୍ୱଜବାହକ ହ. ଅଲୀ ର.ଅ ଥିଲେ ଏବଂ ଇସ୍‌ଲାମୀୟ ଧ୍ୱଜାର ରଙ୍ଗ ଧବଳ ବର୍ଣ୍ଣନା ଥିଲା । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2, ପୃ-281, ଗଜୱା ସୁଲୈମ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2002 ମସିହା) (ଅତ୍ ତବ୍‌କାତୁଲ୍ କୁବ୍ରା, ଭାଗ-2, ପୃ-27, ଗଜ୍‌ୱତୁ ରସୁଲୁଲ୍ଲାଃ ସ.ଅ ବନି ସୁଲୈମ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ-1990 ମସିହା) (ଅସ୍ ସିରତୁନ୍ ନବୱିୟାହ୍, ଲିଇବ୍‌ନି ଇସହାକ୍, ଭାଗ-1, ପୃ-319, ଗଜୱା ସୁଲୈମ୍, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-2004 ମସିହା) (କିତାବୁଲ୍ ମୁଗାଜି, ଲିଲ୍ ୱାକଦି, ଭାଗ-1, ପୃ-182, ଗଜୱତୁଲ୍ କର୍କରତୁଲ୍ କୁଦର୍, ଆଲିମୁଲ୍ କୁତୁବ୍, ବୈରୁତ୍ 1984 ମସିହା) (ଜୀବନୀ ଶବ୍ଦକୋଷ, ପୃ-242, ମୁଜିମୁଲ୍ ବଲ୍‌ଦାନ୍, ଭାଗ-4, ପୃ-501, ଅଲମୁନ୍‌ଜିଦ୍, ପୃ-33, ଜେରେ ମାଦା "ବର୍ଦ" ଓ "କର୍କର", ପୃ-624)**

ରସୁଲୁଲ୍ଲାଃ ସ.ଅ ମଦିନା ମୁନୱର୍ରାହରେ ହ. ଅବ୍‌ଦୁଲ୍ଲାଃ ଇବ୍‌ନେ ଉମ୍ମେ ମକ୍‌ତୁମ୍ ର.ଅଙ୍କୁ ନିଜର ଉପଶାସକର ସମ୍ମାନ ଦ୍ୱାରା ସମ୍ମାନିତ କରିଥିଲେ । ଏହା ମଧ୍ୟ କୁହାଯାଏ ଯେ, ରସୁଲ୍ କରୀମ୍ ସ.ଅ ଇତ୍ୟବସରରେ ହ. ସିବାଅ ବିନ୍ ଉର୍ଫୁତା ଗିଫାରି ର.ଅଙ୍କୁ ମଦିନାରେ ନାଏବ୍ ନିଜର୍ (ଉପ) ଭାବରେ ନିଯୁକ୍ତ କରିଥିଲେ। ସେ ଯାହା ହେଉ ଉପରୋକ୍ତ ଉଭୟ କଥାର ସ୍ୱଷ୍ଟୋକ୍ତି ଏହିପରି ମିଳେ ଯେ, ବ୍ୟବସ୍ଥା ଜନିତ ନିଷ୍ପତ୍ତି ନିମନ୍ତେ ସିବାଅ ର.ଅଙ୍କୁ ନାଏବତ୍ୱ (ଉପ) ନ୍ୟସ୍ତ କରିଥିଲେ ଏବଂ ହ. ଅବ୍‌ଦୁଲ୍ଲାଃ ଇବ୍‌ନେ ଉମ୍ମେ ମକ୍‌ତୁମ୍ ର.ଅଙ୍କୁ ପ୍ରଥାନୁଯାୟୀ ନାମଜ ପାଠ ପଢାଇବାର ଦାୟିତ୍ୱ ନ୍ୟସ୍ତ କରିଥିଲେ । **(ସିରତୁଲ୍ ହଲବିୟାହ୍, ଭାଗ-2, ପୃ-280, ସୁଲୈମ୍ ଯୁଦ୍ଧ, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2002 ମସିହା)**

ସେ ଯାହା ହେଉ ଶତ୍ରୁକୁ ଯେତେବେଳେ ଜ୍ଞାତ ହେଲା ଯେ, ଇସ୍‌ଲାମୀୟ ସୈନ୍ୟବାହିନୀ ଆସୁଛି । ବନୁ ସୁଲୈମ୍ ଓ ବନୁ ଗତ୍‌ଫାନ୍‌ର ଲୋକମାନଙ୍କୁ ସହସା ଏହି ସୂଚନା ପ୍ରାପ୍ତ ହେଲା ଯେ, 300 ଲୋକ ଆସୁଛନ୍ତି ସେତେବେଳେ ସେମାନଙ୍କ ନିମନ୍ତେ ଏହି ବଡ଼ ଅନାଶାତିତ ଅବସର ଥିଲା । ଭୟଭୀତ ହୋଇ ସେହି ଲୋକମାନେ ସେଠାରୁ ପଳାୟନ କଲେ ଏବଂ ପର୍ବତର ଶୀର୍ଷ ଭାଗରେ ଯାଇ ପହଞ୍ଚିଗଲେ । ଅର୍ଥାତ୍ ଚଢିଗଲେ । **(ଅତ୍ ତବ୍‌କାତୁଲ୍ କୁବ୍ରା, ଭାଗ-2, ପୃ-26, ଗଜ୍‌ୱତୁ ରସୁଲୁଲ୍ଲାଃ ସ.ଅ, ବନି ସୁଲୈମ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-1990 ମସିହା)**

ଯେତେବେଳେ ରସୁଲୁଲ୍ଲାଃ ସ.ଅ ଇସ୍‌ଲାମୀୟ ସୈନ୍ୟ ସହିତ କୁଦର୍ ଉପତ୍ୟକାରେ ପହଞ୍ଚିଲେ ସେତେବେଳେ ଆପଣ ସ.ଅଙ୍କୁ ଓଟମାନଙ୍କର ପାଦ ଚିହ୍ନ ବ୍ୟତୀତ ଜଳ ଘାଟ ମଧ୍ୟ ଦୃଶ୍ୟମାନ ହେଲା । କିନ୍ତୁ ଆପଣ ସ.ଅଙ୍କୁ ଉକ୍ତ ଅଞ୍ଚଳରେ ଶତ୍ରୁ ପକ୍ଷର କୌଣସି ବ୍ୟକ୍ତି ମିଳିଲା ନାହିଁ । **(କିତାବୁଲ୍ ମୁଗାଜି, ଲିଲ୍**

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah, Jamat Ahmadiya Kerang (Odisha)

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" । (ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya Kerang, Darul Fazal (Odisha)

**ୱାକିଦି, ଭାଗ-1, ପୃ-182, ଗଜ୍ୱତୁ କର୍କରତୁଲ୍ କୁଦର୍, ଆଲିମୁଲ୍ କୁତୁବ୍, ବୈରୁତ୍-1984 ମସିହା)**

ରସୁଲୁଲ୍ଲାଃ ସ.ଅ ସହାବାମାନଙ୍କର ଏକ ସୈନ୍ୟ ଟୁକୁଡ଼ି ଉପତ୍ୟକାର ଉପରିଷ୍ଠ ଭାଗ ଅଡ଼କୁ ପ୍ରେରଣ କଲେ ଏବଂ ସ୍ୱୟଂ କୌଣସି କଷ୍ଟର ସମ୍ମୁଖୀନ ନହୋଇ ଉପତ୍ୟକାର କୋଳ ଅର୍ଥାତ୍ ମଧ୍ୟ ଭାଗକୁ ପ୍ରସ୍ଥାନ କଲେ । ସେଠାରେ ଆପଣ ସ.ଅଙ୍କୁ ସେହି ସଂପ୍ରଦାୟର କେତେକ ପଶୁ ଚରାଳୀମାନେ ମିଳିଲେ । ସେହି ପଶୁ ଚରାଳୀଙ୍କ ମଧ୍ୟରେ ୟସାର୍ ନାମକ ଏକ ଦାସ ମଧ୍ୟ ରହିଥିଲା । ଆପଣ ସ.ଅ ତା'କୁ ବନୁ ସୁଲୈମ୍ ଓ ଗତ୍ଫାନ୍‌ର ଲୋକମାନଙ୍କ ସଂକ୍ରାନ୍ତରେ ପଚାରିଲେ । ପ୍ରତ୍ୟୁତ୍ତରରେ ସେ କହିଲା, ଆଜ୍ଞା ମୁଁ ଏ ସଂକ୍ରାନ୍ତରେ କିଛି ଜାଣି ନାହିଁ । ମୁଁ ତ' କେବଳ ଏଠାରେ ନିଜର ଓଟମାନଙ୍କୁ ଜଳପାନ କରାଉଛି । ଅର୍ଥାତ୍ କିଛି ଲୋକଙ୍କର ଚତୁର୍ଥ ଦିନ ଓ କିଛି ଲୋକଙ୍କର ପଞ୍ଚମ ଦିନ ପଶୁମାନଙ୍କୁ ଜଳପାନ କରାଇ ନିମନ୍ତେ ପାଳି ପଡ଼ିଥାଏ। ସ୍ଥାନୀୟ ବାସୀନ୍ଦାମାନେ ଝରଣା ଆଡ଼କୁ ଉପରେ ଚଢି ଯାଇଛନ୍ତି । ଆମେ କିନ୍ତୁ ଉକ୍ତ ପ୍ରସଙ୍ଗରେ ସଂପୂର୍ଣ୍ଣ ଭିନ୍ନ ଥିଲୁ । ସେ ଯାହା ହେଉ ଏହି ଲୋକମାନେ ଯୁଦ୍ଧ ଅଭିଳାଷା ରଖି ଆସିଥିଲେ । ସେମାନଙ୍କର ଜିନିଷ ପତ୍ର ରହିଥିଲା । ତେବେ ଆଁହଜରତ ସ.ଅ ଓଟମାନଙ୍କୁ ଏବଂ ପଶୁ ଚରାଳୀମାନଙ୍କୁ ଗରିଫ କରି ବନ୍ଦୀ କରିନେଲେ । ତିନି ରାତ୍ର ଆପଣ ସ.ଅ ସେଠାରେ ଅବସ୍ଥାନ କଲେ । ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ଆପଣ ସ.ଅ ସେଠାରେ 10 ରାତ୍ର କାଳ ଅବସ୍ଥାନ କରିଥିଲେ ।

ଆପଣ ସ.ଅ ଯେତେ ଦିନ ସେଠାରେ ଅବସ୍ଥାନ କରି ସମୟ ଅତିବାହିତ କଲେ, କୌଣସି ବ୍ୟକ୍ତିକୁ ଆପଣ ସ.ଅଙ୍କ ବିପକ୍ଷରେ ଆସି ସଂଗ୍ରାମ କରିବାକୁ ସାହାସ ହେଲା ନାହିଁ । ଏହିପରି ଭାବରେ ଆପଣ ସ.ଅ କାହା ସହିତ ଯୁଦ୍ଧ ନକରି ଜୟଯୁକ୍ତ ହୋଇ ଫେରି ଆସିଲେ । **(ଶରହୁଜ୍ ଜର୍କାନୀ, ଅଲଲ୍ ମୱାହିବିଲ୍ ଲୁଦ୍‌ନି, ଭାଗ-2, ପୃ345, ଗଜ୍ୱତା ବନି ସୁଲୈମ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-1996 ମସିହା)**

ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଆପଣ ସ.ଅଙ୍କୁ ଯେଉଁ ଓଟ ମାଲେ ଗନିମତ୍ (ଯୁଦ୍ଧରୁ ପ୍ରାପ୍ତ ଧନ ରତ୍ନ) ଆକାରରେ ପ୍ରାପ୍ତ ହେଲା ତାହାର ସଂଖ୍ୟା 500 ଥିଲା । କାରଣ ଏହି ଲୋକମାନେ ଯୁଦ୍ଧ ଉଦ୍ଦେଶ୍ୟ ରଖି ଆସିଥିଲେ ଏବଂ ନିଜର ଧନ ସେଠାରେ ଛାଡ଼ି ଯାଇଥିଲେ । ଅତଃ ସେତେବେଳର ପରମ୍ପରା ଅନୁଯାୟୀ ଏହା ବୈଧ ଥିଲା ଯେ, ସେମାନଙ୍କର ସେହି ଧନକୁ ନେଇ ନିଆଯାଉ ଏବଂ ତାହା ମାଲେ ଗନିମତ୍ ଥିଲା । ଆପଣ ସ.ଅ ଏହାର ପଞ୍ଚମାଂଶ କାଢିଲେ । ବଳକା 400 ଓଟ ମୁସଲମାନମାନଙ୍କ ମଧ୍ୟରେ ବାଣ୍ଟିଦେଲେ । ପ୍ରତ୍ୟେକ ମୁଜାହିଦ୍ (ଜିହାଦ୍‌କାରୀ ବା ସଂଗ୍ରାମକାରୀ)ଙ୍କୁ ଦୁଇ ଦୁଇଟି ଲେଖାଁଏ ଓଟ ମିଳିଲା । ଉକ୍ତ ସୈନ୍ୟ ବାହିନୀଟି 200 ମୁଜାହିଦିନ୍ ବିଶିଷ୍ଟ ଥିଲା । ୟସାର୍ ଯେତେବେଳେ ଆପଣ ସ.ଅଙ୍କ ଭାଗରେ ପଡ଼ିଲା, ସେତେବେଳେ ଆପଣ ସ.ଅ ତା'କୁ ଦାସତ୍ୱ ବନ୍ଧନରୁ ମୁକ୍ତ କରିଦେଲେ। ଅର୍ଥାତ୍ ସେହି ପଶୁ ଚରାଳୀ ଦାସ ଥିଲା ଯାହାକୁ ଆପଣ ସ.ଅ ମୁକ୍ତ କରି ଦେଇଥିଲେ। ଆଁହଜରତ ସ.ଅ ଉକ୍ତ ଅଭିଯାନ ନିମନ୍ତେ 15 ଦିନ ପର୍ଯ୍ୟନ୍ତ ମଦିନା ବାହାରେ ଅବସ୍ଥାନ କରିଥିଲେ । (ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଫି ସିରତୁ ଖୈରୁଲ୍ ଇବାଦ୍, ଭାଗ-4, ପୃ-172, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍-1993 ମସିହା)

ଉକ୍ତ ଘଟଣାର ବୃତ୍ତାନ୍ତ ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ସିରତ୍ ଖାତମୁନ୍ ନବୀୟିନ୍‌ରେ ଏହିପରି ଉଲ୍ଲେଖ କରିଛନ୍ତି ଯେ, "ପ୍ରବାସ ପରେ ମକ୍କାର କୁରୈଶ୍‌ମାନେ ଆରବର ବିଭିନ୍ନ ସଂପ୍ରଦାୟର ଗସ୍ତ କରି ଅନେକ ସଂପ୍ରଦାୟକୁ ମୁସଲମାନମାନଙ୍କର ପ୍ରାଣର ଶତ୍ରୁ କରି ଦେଇଥିଲେ । ସେହି ସଂପ୍ରଦାୟ ମଧ୍ୟରେ ଶକ୍ତି ଓ ଗୋଷ୍ଠୀ ତଥା ଦଳ ଦୃଷ୍ଟିରୁ ସବୁଠି ବେଶୀ ଗୁରୁତ୍ୱପୂର୍ଣ୍ଣ ଆରବର ମଧ୍ୟବର୍ତ୍ତୀ ଅଞ୍ଚଳ ନଜଦ୍‌ରେ ବାସ କରୁଥିବା 2ଟି ସଂପ୍ରଦାୟ ଥିଲେ । ସେହି ଦୁଇଟି ସଂପ୍ରଦାୟର ନାମ ହେଲା- **-1** ବନୁ ସୁଲୈମ୍, **2-** ବନୁ ଗତ୍ଫାନ୍ ସଂପ୍ରଦାୟ । ମକ୍କାର କୁରୈଶ୍‌ମାନେ ଉକ୍ତ ଦୁଇଟି ସଂପ୍ରଦାୟକୁ ବିଶେଷ କରି ନିଜ ସହିତ ସାମିଲ୍ କରାଇ ଏମାନଙ୍କୁ ମୁସଲମାନମାନଙ୍କ ବିରୁଦ୍ଧରେ ଛିଡ଼ା କରିଦେଇଥିଲେ। ସୁତରାଂ ସାର୍ ୱଲିୟମ୍ ମିଓର୍ ଉଲ୍ଲେଖ କରନ୍ତି ଯେ, ମକ୍କାର କୁରୈଶ୍‌ମାନେ ବର୍ତ୍ତମାନ ନିଜର ଧ୍ୟାନ ସେହି ନଜଦ୍‌ର ଅଞ୍ଚଳ ଆଡ଼କୁ କଲେ ଏବଂ ଉକ୍ତ ଅଞ୍ଚଳରେ ଥିବା ସଂପ୍ରଦାୟ ସହିତ ପୂର୍ବରୁ ମଧ୍ୟ ସେମାନଙ୍କର ଅଧିକ ନିବିଡ଼ ତଥା ଘନିଷ୍ଠ ସଂପର୍କ ଗଢି ଉଠିଥିଲା । ତା' ପର ଠାରୁ ବନୁ ସୁଲୈମ୍ ସଂପ୍ରଦାୟ ଓ ବନୁ ଗତ୍ଫାନ୍ ସଂପ୍ରାଦୟ ମୁହମ୍ମଦ ସ.ଅଙ୍କର ଘୋର ଶତ୍ରୁ ପାଲଟିଗଲେ । ସେମାନଙ୍କର ଏହି ଶତ୍ରୁତା ମୁସଲମାନମାନଙ୍କ ବିରୁଦ୍ଧରେ ବ୍ୟବହାରିକ ରୂପ ନେଇନେଲା । ସୁତରାଂ କୁରୈଶ୍‌ମାନଙ୍କର ଉସ୍‌କାଇବା ଏବଂ ଅବୁ ସୁଫିୟାନ୍‌ର କାର୍ଯ୍ୟାନୁସରଣାତ୍ମକ ଉଦାହରଣ ଯୋଗୁଁ ସେମାନେ ମଦିନା ଉପରେ ଆକ୍ରମଣ କରିବାର ପ୍ରସ୍ତାବ ତଥା ଯୋଜନାକୁ ସୁଦୃଢ (କାର୍ଯ୍ୟକାରୀ) କରିନେଲେ ।"

ଉଇଲିୟମ୍ ମିଓର୍ ଜଣେ ପାଶ୍ଚାତ୍ୟ ଲେଖକ ତଥା ସମାଲୋଚକ ଅଟନ୍ତି ସେ ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ, ସେହି ଦୁଇ ସଂପ୍ରଦାୟ ଏକତ୍ରିତ ହୋଇ ମଦିନା ଉପରେ ଆକ୍ରମଣ କରିବାର ଯୋଜନା କରିଥିଲେ । ତେଣୁ ସେମାନଙ୍କ ସହିତ ଯେଉଁ ଆଚରଣ ପ୍ରଦର୍ଶନ କରାଗଲା ତାହା ସମୀଚୀନ ଥିଲା । ମୁସଲମାନମାନେ ଯେଉଁ ମାଲେ ଗନିମତ୍ ଆଣିଥିଲେ ତାହା ସଂପୂର୍ଣ୍ଣ ରୂପେ ବୈଧ ଓ ଯୁକ୍ତିଯୁକ୍ତ ଥିଲା ।

ସେ ଯାହା ହେଉ ହ. ମିର୍ଜା ବଶୀର୍ ଅହେମଦ ସାହେବ ଆଗକୁ ଉଲ୍ଲେଖ କରନ୍ତି ଯେ,"ସୁତରାଂ ଆଁହଜରତ ସ.ଅ ଯେତେବେଳେ ବଦର୍ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ କଲେ ସେତେବେଳେ ମଧ୍ୟ ଆପଣ ସ.ଅଙ୍କୁ ମଦିନାରେ ପହଞ୍ଚିବାକୁ ମାତ୍ର କିଛି ଦିନ ହୋଇଥିଲା କି ଆପଣ ସ.ଅଙ୍କୁ ଏହି ସୂଚନା ପ୍ରାପ୍ତ ହେଲା ଯେ, ସୁଲୈମ୍ ସଂପ୍ରଦାୟ ଓ ଗତ୍ଫାନ୍ ସଂପ୍ରଦାୟର ଏକ ବିଶାଳ ସୈନ୍ୟବାହିନୀ ମଦିନା ଉପରେ ଆକ୍ରମଣ କରିବା ଉଦ୍ଦେଶ୍ୟ ରଖି କର୍କରତୁଲ୍ କୁଦର୍ ଠାରେ ଏକତ୍ରିତ ହେଉଛନ୍ତି । ବଦର୍ ଯୁଦ୍ଧର ଏତେ ସମୀପବର୍ତ୍ତୀ ଥିବା ସମୟରେ ଉକ୍ତ ସୂଚନା ପ୍ରାପ୍ତ ହେବା ଏହା ପ୍ରକାଶ କରୁଛି ଯେ, ଯେତେବେଳେ କୁରୈଶ୍‌ର ସୈନ୍ୟବାହିନୀ ମୁସଲମାନମାନଙ୍କ ବିରୁଦ୍ଧରେ ଆକ୍ରମଣ କରିବା ଉଦ୍ଦେଶ୍ୟରେ ମକ୍କାରୁ ବାହାରିଥିଲା ସେତେବେଳେ କୁରୈଶର ଅଧିପତିମାନେ ସେତିକିବେଳେ ସୁଲୈମ୍ ଓ ଗତ୍ଫାନ୍‌କୁ ଏହି ବାର୍ତ୍ତା ପ୍ରେରଣ କରିଥିଲେ ଯେ, ତୁମେ ଅନ୍ୟ ପାର୍ଶ୍ୱରୁ ମଦିନା ଉପରେ ଆକ୍ରମଣ କରିଦିଅ ଅବା ଏହା ମଧ୍ୟ ସମ୍ଭବପର ଯେ, ଅବୁ ସୁଫିୟାନ୍ ଯେତେବେଳେ ଯାତ୍ରୀସମୂହ ସହିତ ସକୁଶଳେ ବାହାରି ଯାଇଛି, ସେତେବେଳେ ସେ କୌଣସି ଏକ ସନ୍ଦେଶ ବାହକ ଇତ୍ୟାଦି ମାଧ୍ୟମରେ ସେହି ସଂପ୍ରଦାୟକୁ ମୁସଲମାନମାନଙ୍କ ବିରୁଦ୍ଧରେ ବାହାରିବା ନିମନ୍ତେ ଆହ୍ୱାନ ଦେଇଥିବ । ସେ ଯାହା ହେଉ ବର୍ତ୍ତମାନ ଆଁହଜରତ ସ.ଅ ବଦର୍ ଯୁଦ୍ଧରୁ ଅବ୍ୟାହତି ନେଇ ମଦିନାରେ ପହଞ୍ଚି ଥିଲେ କି ଏହି ଭୟଙ୍କର ସୂଚନା ପ୍ରାପ୍ତ ହେଲା ଯେ, ସୁଲୈମ୍ ସଂପ୍ରଦାୟ ଓ ଗତ୍ଫାନ୍ ସଂପ୍ରଦାୟ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିବେ । ଉକ୍ତ ଖବର ଶୁଣିବା ମାତ୍ରେ ଆପଣ ସ.ଅ ତୁରନ୍ତ ସାହାବାମାନଙ୍କର ଏକ ସୈନ୍ୟବାହିନୀ ସାଙ୍ଗରେ ନେଇ ଯୋଜନା ପ୍ରସ୍ତୁତ ପୂର୍ବକ ନଜଦ୍ ଆଡ଼କୁ ବାହାରି ପଡ଼ିଲେ । କିନ୍ତୁ ଯେତେବେଳେ ଆପଣ ଅନେକ ଦିନର କଷ୍ଟଦାୟକ ଯାତ୍ରା କରି କର୍କରତୁଲ୍ କୁଦର୍ ନାମକ୍ ସ୍ଥାନରେ ପହଞ୍ଚିଲେ ସେତେବେଳେ ଆପଣ ସ.ଅଙ୍କୁ ଜ୍ଞାତ ହେଲା ଯେ, ବନୁ ସୁଲୈମ୍ ଓ ବନୁ ଗତ୍ଫାନର ଲୋକମାନେ ଇସ୍‌ଲାମ୍ ଧର୍ମର ସୈନ୍ୟବାହିନୀର ଆଗମନର ସୂଚନା ପଇବା ମାତ୍ରେ ପର୍ବତରେ ଯାଇ ଲୁଚିଗଲେ । ଆଁହଜରତ ସ.ଅ ସେମାନଙ୍କୁ ଖୋଜିବା ନିମନ୍ତେ ମୁସଲମାନମାନଙ୍କର ଏକ ସୈନ୍ୟ ଟୁକୁଡ଼ି ପ୍ରେରଣ କଲେ ଏବଂ ସ୍ୱୟଂ ଉପତ୍ୟକାର ବକ୍ଷ ଅର୍ଥାତ୍ ମଧ୍ୟବର୍ତ୍ତୀ ଦିଗ ଆଡ଼କୁ ଅଗ୍ରସର ହେଲେ । କିନ୍ତୁ ସେମାନଙ୍କର କିଛି ସୁରାକ୍ (ଟେର୍) ପାଇଲେ ନାହିଁ । ଅଥଚ ସେହି ଓଟମାନଙ୍କର ଏକ ବୃହତ୍ ଓଟମାନଙ୍କର ପଲ ଚରୁ ଚରୁ ମିଳିଗଲା । ସେହି ଓଟମାନଙ୍କର ଉପରେ (ସେତେବେଳର ଆଇନ ଅନୁଯାୟୀ) ସାହାବାମାନେ (ସେହି ଓଟ ପଲ ଉପରେ) ଅଧିକାର କରିନେଲେ ଏବଂ ଏହା ପରେ ଆଁହଜରତ ସ.ଅ ମଦିନାକୁ ଫେରି ଆସିଲେ । ସେହି ଓଟମାନଙ୍କର ଏକ ପଶୁ ଚରାଳୀ ରହିଥିଲା ଯାହାର ନାମ ୟସାର୍ ଥିଲା । ସେ ଦାସ ଥିଲା । ସେହି ଓଟ ଚରାଳୀକୁ ବନ୍ଦୀ କରିନିଆଯାଇଥିଲା । ସେହି ବ୍ୟକ୍ତି ଉପରେ ଆଁହଜରତ ସ.ଅଙ୍କ ସାହଚର୍ଯ୍ୟତ୍ୱରେ ଏପରି ପ୍ରଭାବ ପଡ଼ିଲା ଯେ, ବର୍ତ୍ତମାନ ଅଧିକ ସମୟ ଅତିବାହିତ ହୋଇ ନଥିଲା କି ସେ ମୁସଲମାନ ହୋଇଗଲା ଏବଂ ଆଁହଜରତ ସ.ଅଙ୍କ ଅଭ୍ୟାସଗତ ସ୍ୱଭାବ ସ୍ୱରୂପ ସେହି ଦାସକୁ ଆପଣ ସ.ଅ ମୁକ୍ତ କରିଦେଲେ । କିନ୍ତୁ ମୃତ୍ୟୁ ପର୍ଯ୍ୟନ୍ତ ଆପଣ ସ.ଅଙ୍କ ସେବାରୁ ସେ ଭିନ୍ନ (ସେବା ନିବୃତ୍ତ) ହେଲା ନାହିଁ ।" **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ- ହ.ସାହିବ୍ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ.ଏ ର.ଅ,ପୃ-452-453)**

ପୁନଶ୍ଚ ମୁସଲମାନମାନଙ୍କର ପ୍ରଥମ ଇଦୁଲ୍ ଫିତର ଶୱାଲ୍ 2 ହିଜରୀରେ ପାଳିତ ହୋଇଥିଲା । ତତ୍‌ସମ୍ବନ୍ଧରେ ଉଲ୍ଲେଖ ରହିଛି ଯେ, ପ୍ରବାସର ଦ୍ୱିତୀୟ ବର୍ଷ ରମଜାନ ମାସର ପରିସମାପ୍ତି ପରେ ଆପଣ ସ.ଅ ପ୍ରଥମ ଇଦୁଲ୍ ଫିତର ନମାଜ ପାଠ କରିଥିଲେ ଓ ଇଦ୍ ପର୍ବ ପାଳନ କରିଥିଲେ । **(ଦାଏରାହ୍ ମାଆରିଫ୍,**

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

**ସିରତ୍ ମୁହମ୍ମଦ ସ.ଅ, ଭାଗ-6, ପୃ-362, ପ୍ରକାଶନ ସ୍ଥାନ-ଦାରୁଲ୍ ମାଆରିଫ୍, ଲାହୋର-2002 ମସିହା)**

ଆଁହଜରତ ସ.ଅ ମଦିନାବାସୀଙ୍କୁ ପଚାରିଲେ ଯେ, ଅଶିକ୍ଷିତ ଯୁଗରେ ତୁମେମାନେ ଯେଉଁ ଦୁଇ ଦିନ ଆନନ୍ଦ ଉଲ୍ଲାସ ପର୍ବ ପାଳନ କରୁଥିଲ ତାହାର ସତ୍ୟତା,ସ୍ଥିତି ଓ ସତ୍ତା କ'ଣ ରହିଛି ? ସେଠାକାର ଅଧିବାସୀମାନେ କହିଲେ, ଏହା ପୂର୍ବରୁ ଆମେମାନେ ଏହି ପର୍ବ ସଂପୂର୍ଣ୍ଣ ରୂପେ ଏହିପରି ଭାବରେ ପାଳନ କରୁଥିଲୁ ଯାହାକି ବର୍ତ୍ତମାନ ପ୍ରଚଳିତ ଅଟେ । ଆଁହଜରତ ସ.ଅ କହିଲେ, ଅଲ୍ଲାଃତାଲା ସେହି ଦୁଇଟି ପର୍ବକୁ ସର୍ବୋତ୍କୃଷ୍ଟ ପର୍ବ ବୋଲି ତୁମମାନଙ୍କ ନିମନ୍ତେ ସ୍ଥିର କରିଛନ୍ତି। ସାହାବାମାନେ ଆଗ୍ରହପୂର୍ବକ ଏବଂ ଉତ୍କଣ୍ଠିତ ହୋଇ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସେହି ଦିନଟି କେଉଁଟି ? ପ୍ରତ୍ୟୁତ୍ତରରେ ହୁଜୁର ସ.ଅ କହିଲେ : ଇଦୁଲ୍ ଫିତର୍ ଏବଂ ଇଦୁଲ୍ ଅଜ୍‌ହା ଇତ୍ୟାଦି ଦିନମାନଙ୍କରେ କୌଣସି ବ୍ୟକ୍ତି ଓଷା ବ୍ରତ ନକରୁ ବରଂ ସୁସ୍ୱାଦ ଭୋଜନ କରି ଆନନ୍ଦ ଓ ଉଲ୍ଲାସ ପର୍ବ ପାଳନ କରୁ ।

ଏହି ଦୁଇ ଇଦ୍‌ରେ ଆପଣ ସ.ଅ ଇଦ୍‌ଗାହ୍ (ଯେଉଁଠି ଇଦ୍ ନମାଜ ପାଠ କରାଯାଏ) ଅଭିମୁଖେ ପ୍ରସ୍ଥାନ କରୁଥିଲେ । ଇଦ୍‌ଗାହ୍ ମଦିନାର ପୂର୍ବ ଭାଗ ଆଡ଼େ ଅବସ୍ଥିତ ଥିଲା । ଆପଣ ସ.ଅ ଇଦ୍ ଦିନ ଇଦ୍‌ଗାହ୍‌ର ଗୋଟିଏ ମାର୍ଗ ଦେଇ ଯାଉଥିଲେ ଏବଂ ଅନ୍ୟ ମାର୍ଗ ଦେଇ ଫେରୁଥିଲେ । ଏହା ଦ୍ୱାରା ଭିଡ଼ର ରୂପ ଧାରଣ କରୁନଥିଲା ଏବଂ ଅଣମୁସଲମାନମାନଙ୍କ ମନରେ ଭୟ ଜାତ ହୋଇଯାଉଥିଲା। ଏକଦା ଇଦୁଲ୍ ଫିତର୍‌ର ନମାଜ ଆପଣ ସ.ଅ ମସ୍‌ଜିଦେ ନବୱୀରେ ମଧ୍ୟ ପଢାଇଥିଲେ। କାରଣ ଉକ୍ତ ନମାଜ ସମୟରେ ଖୁବ୍ ଜୋରରେ ବର୍ଷା ହୋଇଥିଲା । **(ସିରତୁନ୍ ନବୀ ସ.ଅର ଇନ୍‌ସାଇକ୍ଲୋପିଡ଼ିଆ, ଲେଖକ-ସୟେଦ୍ କାସିମ୍ ମୁହମ୍ମଦ, ଭାଗ-1, ପୃ-411, ମକ୍‌ତବତୁଲ୍ ଫୈସଲ୍ ଲାହୋର-2014 ମସିହା)**

ଉକ୍ତ ଇଦ୍ ସଂପର୍କରେ ହ. ମିର୍ଜା ବଶୀର୍ ଅହେମଦ ସାହେବ ଉଲ୍ଲେଖ କରିଛନ୍ତି। ଅର୍ଥାତ୍ ଇଦୁଲ୍ ଫତିର୍ ସଂକ୍ରାନ୍ତରେ ଉଲ୍ଲେଖ କରିଛନ୍ତି: "ରମ୍‌ଜାନ ମାସର ରୋଜା ବାଧ୍ୟତାମୂଳକ ହୋଇଯିବା ପରେ ଯେତେବେଳେ ରମ୍‌ଜାନ ମାସର ଶେଷ ଦିନ ଆସିଲା ସେତେବେଳେ ଆପଣ ସ.ଅ ଅଲ୍ଲାଃତାଲାଙ୍କ ଠାରୁ ଆଦେଶ ପାଇ ସଦ୍‌କତୁଲ୍ ଫିତର୍ ଦେବା ନିମନ୍ତେ ଆଦେଶନାମା ପ୍ରଣୟନ କଲେ । ଅର୍ଥାତ୍ ପ୍ରତ୍ୟେକ ମୁସଲମାନ ବ୍ୟକ୍ତି ଯିଏ ସାମର୍ଥ୍ୟବାନ ଅଟେ ସେ ନିଜ ତରଫରୁ ଏବଂ ନିଜର ପରିବାରବର୍ଗଙ୍କ ପକ୍ଷରୁ ତଥା ନିଜର ଅନୁଗାମୀମାନଙ୍କ ପକ୍ଷରୁ ପ୍ରତି ସଦସ୍ୟ ଲେଖାଁଏ ଏକ ସାଆ ହିସାବରେ ଖଜୁରୀ କିମ୍ବା ଅଙ୍ଗୁର କିମ୍ବା ଯଅ କିମ୍ବା ଗହମ ଇତ୍ୟାଦି ସଦ୍‌କା (ଦାନ) ଇଦ୍ ନମାଜ୍ ପୂର୍ବରୁ ପୈଠ କରିଦେଉ ଏବଂ ଉକ୍ତ ସଦ୍‌କା ଅଭାବି, ଦରିଦ୍ର ଏବଂ ଅନାଥ ଓ ବିଧବାମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଉ । କାରଣ ସମାର୍ଥ୍ୟବାନ ଲୋକମାନଙ୍କ ତରଫରୁ ଯଦି ରମଜାନ ମାସର ଉପାସନାରେ କୌଣସି ତ୍ରୁଟି ବିଚ୍ୟୁତି ହୋଇଯାଇଥାଏ ତେବେ ଏହା ସେମାନଙ୍କ ନିମନ୍ତେ କଫ୍ଫାରାହ୍ (ପ୍ରତିକାର) ସାବ୍ୟସ୍ତ ହୋଇଯିବ ଏବଂ ଅଭାବି ଦରିଦ୍ର ବ୍ୟକ୍ତିମାନଙ୍କ ନିମନ୍ତେ ଇଦ୍ ପର୍ବ ଅବସରରେ ଏକ ସାହାଯ୍ୟର ରୂପ ବାହାରି ଆସିବ । ସୁତରାଂ ଆଁହଜରତ ସ.ଅଙ୍କ ଆଦେଶମତେ ପ୍ରତ୍ୟେକ ରମଜାନ୍ ମାସରେ ଇଦ୍ ଦିନ ନମାଜ ପୂର୍ବରୁ ସଦ୍‌କତୁଲ୍ ଫିତର ନିୟମିତ ଭାବରେ ପ୍ରତ୍ୟେକ ଆବାଳ ବୃଦ୍ଧ ବନୀତା ମୁସଲମାନମାନଙ୍କ ଠାରୁ ଆଦାୟ କରାଯାଇଥାଏ ଏବଂ ଅଭାବି, ଦାରିଦ୍ର, ଅନାଥ ଏବଂ ବିଧବାମାନଙ୍କ ମଧ୍ୟରେ ଉକ୍ତ ଅର୍ଥକୁ ବାଣ୍ଟି ଦିଆଯାଉଥିଲା ।"

ସେହି ବର୍ଷରୁ ହିଁ ଇଦୁଲ୍ ଫିତର୍ ପର୍ବ ପାଳିତ ହେଲା । ଅର୍ଥାତ୍ ଆଁହଜରତ ସ.ଅ ଆଦେଶ ଦେଲେ ଯେ, ରମଜାନ ମାସ ଶେଷ ହୋଇଯିବା ପରେ ଶୱାଲ୍ ମାସର ପ୍ରଥମ ତାରିଖକୁ ମୁସଲମାନମାନେ ଇଦ୍ ପର୍ବ ପାଳନ କରନ୍ତୁ । ଉକ୍ତ ଇଦ୍ ହେଉଛି ସେହି ଆନନ୍ଦମୂଳକ ଭାବାବେଗ ପରିପ୍ରକାଶ ଯେ, ଅଲ୍ଲାଃତାଲା ଆମମାନଙ୍କୁ ରମ୍‌ଜାନ୍ ମାସର ଉପାସନା ସମ୍ପାଦନ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କଲେ। କିନ୍ତୁ ଆପଣ ସ.ଅଙ୍କ ମର୍ଯ୍ୟାଦା ଅନନ୍ୟ ଓ ଅପ୍ରତୀମ । ଅର୍ଥାତ୍ ଆପଣ ସ.ଅ ସେହି ଆନନ୍ଦ ଏବଂ ପ୍ରସନ୍ନତାର ପରିପ୍ରକାଶ ସକାଶେ ମଧ୍ୟ ଏକ ଉପାସନା ପଦ୍ଧତି ନିର୍ଦ୍ଧାରିତ କରିଦେଲେ ଯାହାକୁ ନମାଜେ ଇଦ୍ ବୋଲି କହୁଯାଏ ।

ଅତଏବ୍ ଆପଣ ସ.ଅ ସାହାବାମାନଙ୍କୁ କହିଲେ, ହେ ସାହାବାମାନେ ! ସମସ୍ତ ମୁସଲମାନମାନେ ଇଦ୍ ପର୍ବ ଦିନ କୌଣସି ଏକ ଖୋଲା ସ୍ଥାନରେ ଏକତ୍ରିତ ହୋଇ ପ୍ରଥମେ ଦୁଇ ରେକାତ୍ ନମାଜ ପୈଠ କରନ୍ତୁ ଓ ପୁନଶ୍ଚ ସେହି ନମାଜ ପରେ ନିଃସନ୍ଦେହ ଓ ନୈସର୍ଗିକ ରୂପେ ବୈଧ ସମ୍ମତ ପ୍ରକାଶ୍ୟ ଆନନ୍ଦ ଓ ଉଲ୍ଲାସ ମଧ୍ୟ ପାଳନ କରନ୍ତୁ । କାରଣ ଆତ୍ମାର ଆନନ୍ଦ ଓ ପ୍ରସନ୍ନତା ସମୟରେ ଶରୀରର ମଧ୍ୟ ଏହି ଅଧିକାର ରହିଛି ଯେ, ସେ ମଧ୍ୟ ଉକ୍ତ ଆନନ୍ଦ ଓ ଉଲ୍ଲାସ ପର୍ବରେ ଭାଗ ନେଉ। ପ୍ରକୃତ ପକ୍ଷେ ଇସ୍‌ଲାମ୍ ଧର୍ମ ସେହି ସମସ୍ତ ବଡ଼ ବଡ଼ ଉପାସନାର ପରିସମାପ୍ତି ପରେ ଯାହାକି ସାମୂହିକ ରୂପେ ସମ୍ପାଦନ କରାଯାଇଥାଏ ତାହାର ପରିସମାପ୍ତି ପରେ ଇଦ୍ ପର୍ବ ସ୍ଥିର କରିଛି । ସୁତରାଂ ନମାଜ୍‌ର ଇଦ୍ କହିଲେ ଜୁମାକୁ ବୁଝାଏ ଯାହା ପ୍ରତ୍ୟେକ ସପ୍ତାହନ୍ତ ନମାଜମାନଙ୍କ ପରେ ଆସିଥାଏ ଏବଂ ଏହି ଦିନକୁ ଇସ୍‌ଲାମ୍ ଧର୍ମରେ ସମସ୍ତ ଇଦ୍ ଅପେକ୍ଷା ସର୍ବଶ୍ରେଷ୍ଠ ଇଦ୍ ବା ସର୍ବଶ୍ରେଷ୍ଠ ଦିନ ବୋଲି ବିବେଚତି କରାଯାଇଛି । ସେହିପରି ରୋଜା (ଓଷାମାନଙ୍କର) ଇଦୁଲ୍ ଫିତର୍ ରହିଛି ଯାହାକି ରମଜାନ ମାସ ପରେ ଆସିଥାଏ ଏବଂ ହଜ୍‌ର ଇଦ୍‌କୁ ଇଦୁଲ୍ ଅଜ୍‌ହା ବୋଲି କୁହାଯାଏ । ଏହା ହଜ୍‌ର ଦ୍ୱିତୀୟ ଦିନ ପାଳନ କରାଯାଇଥାଏ । ଏହି ସମସ୍ତ ଇଦ୍ ସ୍ୱୟଂ ନିଜ ମଧ୍ୟରେ ଗୋଟିଏ ଗୋଟିଏ ଉପାସନା ଅଟନ୍ତି । ଅତଏବ୍ ଇସ୍‌ଲାମ୍ ଧର୍ମର ଇଦ୍ ପର୍ବ ନିଜ ମଧ୍ୟରେ ଏକ ବୈଚିତ୍ର୍ୟପୂର୍ଣ୍ଣ ମର୍ଯ୍ୟାଦାର ଅଧିକାରୀ ଅଟନ୍ତି । ସେହି ଇଦ୍ ପର୍ବମାନଙ୍କ ଦ୍ୱାରା ଇସ୍‌ଲାମ୍ ଧର୍ମର ସତ୍ୟତା ଉପରେ ଏକ ବଳିଷ୍ଠ ତଥା ବୃହତ୍ ଆଲୋକପାତ ହୋଇଥାଏ । ଏହା ଆକଳନ କରିବା ନିମନ୍ତେ ସୁଯୋଗ ପ୍ରାପ୍ତ ହୋଇଥାଏ ଯେ, କିପରି ଇସ୍‌ଲାମ୍ ଧର୍ମ ମୁସଲମାନମାନଙ୍କୁ ପ୍ରତ୍ୟେକ କାର୍ଯ୍ୟରେ ଈଶ୍ୱର ଚର୍ଚ୍ଚା ସହିତ ସଂଶ୍ଳୀଷ୍ଟ ରଖିବାକୁ ଚେଷ୍ଟା କରିଛି । ସୁତରାଂ ସ୍ମରଣ ଏହା ରଖିବା ଉଚିତ୍ ଯେ, ଇଦ୍ ଦିନମାନଙ୍କର ଏହି ମହତ୍ତ୍ୱ ରହିଛି ଯେ, ସବୁବେଳେ ଖାଲି ଆନନ୍ଦ ଓ ଉଲ୍ଲାସ ପାଳନ କରିବା ନୁହେଁ ବରଂ ଅଲ୍ଲାଃତାଲାଙ୍କ ନାମର (ଈଶ୍ୱର) ଚର୍ଚ୍ଚା ମଧ୍ୟ କରିବା ଉଚିତ୍ ଏବଂ ତାହାଙ୍କର ଉପାସନା ମଧ୍ୟ କରିବା ଉଚିତ୍ ।

ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ କୁହନ୍ତି: "ମୋତେ ଯଦି ଇତିହାସରୁ ହଟିବାକୁ ପଡ଼ନ୍ତା (ବାଦ୍‌ଦେବାକୁ ପଡ଼ନ୍ତା) ତେବେ ମୁଁ କହିଥାଆନ୍ତି ଯେ, କିପରି ଇସଲାମ୍ ଧର୍ମ ଜଣେ ମୁସଲମାନ ବ୍ୟକ୍ତିର ପ୍ରତ୍ୟେକ ଗତିବିଧି ଏବଂ ପ୍ରତ୍ୟେକ ଆଚରଣ ଓ ଉଚ୍ଚାରଣକୁ ଈଶ୍ୱରଙ୍କ ସ୍ମୃତିର ଖମୀର (ପୁଟ) ପ୍ରଦାନ କରିଛି । ଏପର୍ଯ୍ୟନ୍ତକି ଦୈନନ୍ଦିନ ଜୀବନରେ ଉଠିବା ବସିବା, ଚଲାବୁଲା କରିବା, ଶୋଇବା, ଜାଗିବା, ଖାଇବା ପିଇବା, ସ୍ନାନ କରିବା, ହାତ ପାଦ ଧୋଇବା, ବସ୍ତ୍ର ବଦଳିବା, ଜୋତା ପିନ୍ଧିବା, ଘରୁ ବାହାରକୁ ଯିବା, ଘର ଭିତରକୁ ପ୍ରବେଶ କରିବା, ଯାତ୍ରା କରିବା, ଯାତ୍ରାରୁ ଫେରିବା, କୌଣସି ଦ୍ରବ୍ୟ ପଦାର୍ଥ ବିକ୍ରୀ କରିବା, କୌଣସି ବସ୍ତୁ କ୍ରୟ କରିବା, ଉଚ୍ଚତା ପର୍ଯ୍ୟନ୍ତ ଚଢିବା, ଉଚ୍ଚ ସ୍ଥାନରୁ ନିମ୍ନକୁ ଖସିବା ଅର୍ଥାତ୍ ଅରୋହଣ ଓ ଅବରୋହଣରେ, ମସ୍‌ଜିଦରେ ପ୍ରବେଶ କରିବା, ମସଜିଦ୍‌ରୁ ପ୍ରସ୍ଥାନ (ବାହାରିବା) କରିବା, ବନ୍ଧୁକୁ ସାକ୍ଷାତ୍ କରିବା, ଶତ୍ରୁ ସମ୍ମୁଖରେ ହେବା, କ୍ଷୀର ପାନ କରିବା, ନୂତନ ଚନ୍ଦ୍ର ଦେଖିବା, ବିବାହ ରାତ୍ରରେ ପତ୍ନି ପାଖକୁ ଯିବା ଇତ୍ୟାଦି ଇତ୍ୟାଦି ପ୍ରତ୍ୟେକ କାର୍ଯ୍ୟ ଆରମ୍ଭ କରିବା ଏବଂ ସମାପ୍ତ କରିବା ଏପର୍ଯ୍ୟନ୍ତକି ଛିଙ୍କିବା ଓ ହାଇ ମାରିବା ଇତ୍ୟାଦି କାର୍ଯ୍ୟକୁ କୌଣସି ପ୍ରକାରେ ଈଶ୍ୱର ଚର୍ଚ୍ଚା ସହିତ ସଂଶ୍ଳୀଷ୍ଟ କରିଦେଇଛି ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସୁତରାଂ ଏହା ହେଉଛି ଇସ୍‌ଲାମ୍ ଧର୍ମର ଶିକ୍ଷା ଯାହାକୁ ସର୍ବଦା ପ୍ରତ୍ୟେକ ପ୍ରକୃତ ଓ ନୈଷ୍ଠିକ ମୁସଲମାନ ବ୍ୟକ୍ତିକୁ ନିଜ ସମ୍ମୁଖରେ ରଖିବା ଉଚିତ୍ । କାରଣ ପ୍ରତ୍ୟେକ ସମୟ ଓ ପ୍ରତ୍ୟେକ କଥାରେ ଅଲ୍ଲାଃତାଲା ଆମମାନଙ୍କ ସମ୍ମୁଖରେ ରହିବା ଉଚିତ୍ ।

ଏହିପରି ଅବସ୍ଥାରେ ଯଦି ଆରବର ମୁସରିକିନ୍‌ମାନେ ଆଁହଜରତ ସ.ଅଙ୍କ ସଂକ୍ରାନ୍ତରେ ଯେକି ପ୍ରକୃତରେ ଉକ୍ତ ଶିକ୍ଷା ଆଣିଥିଲେ । କିନ୍ତୁ ମକ୍କାର ଅବିଶ୍ୱାସକାରୀଙ୍କ ବିଚାରରେ ଆଁହଜରତ ସ.ଅ ଉପରୋକ୍ତ ଶିକ୍ଷାର ସୃଷ୍ଟିକର୍ତ୍ତା ଅଟନ୍ତି ବୋଲି କୁହନ୍ତେ ଯେ, ମୁହମ୍ମଦ ସ.ଙ୍କୁ ଈଶ୍ୱରଙ୍କର କାଳିଶୀ ଲାଗିଛି ତେବେ ଏହା କୌଣସି ଆଶ୍ଚର୍ଯ୍ୟକର କଥା ନୁହେଁ । ବାସ୍ତବରେ ଜଣେ ସାଂସାରିକ ବ୍ୟକ୍ତିକୁ ଏହି ସମସ୍ତ କଥା ପାଗଳାମୀ ଛଡ଼ା ଅନ୍ୟ କିଛି ବୋଲି ଦୃଶ୍ୟମାନ ହେବ ନାହିଁ । କିନ୍ତୁ ଯେଉଁ ବ୍ୟକ୍ତି ନିଜର ଅସ୍ତିତ୍ୱର ବାସ୍ତବତାକୁ ବୁଝିବା ବା ଉପଲବ୍ଧି କଲା ସେ ଜାଣେ ଯେ, ଏହା ହିଁ ପ୍ରକୃତ ଜୀବନ ଅଟେ । ପ୍ରକୃତ ଜୀବନ କହିଲେ, ମନୁଷ୍ୟ ସର୍ବଦା ଈଶ୍ୱରଙ୍କୁ ସ୍ମରଣ ରଖୁ ବା ଈଶ୍ୱରଙ୍କୁ ମନେରଖୁ **(ସିରତ୍ ଖାତମୁନ୍ ନବୀୟିନ, ଲେଖକ-ସାହିବ୍‌ଜାଦା ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ଏମ.ଏ ର.ଅ, ପୃ-337-338)**

ଉକ୍ତ ଅବଧିରେ ବଦର୍ ଯୁଦ୍ଧ ପରେ ଏବଂ ଓହୋଦ୍ ଯୁଦ୍ଧ ପୂର୍ବରୁ ଦୁଇଟି ସନ୍ଦିଗ୍ଧ ଘଟଣାର ମଧ୍ୟ ଚର୍ଚ୍ଚା ମିଳେ ଯାହାର ଯଦି ସାରାଂଶ ଏବଂ ସଂକ୍ଷିପ୍ତ ସମୀକ୍ଷା କରାଯାଏ ତେବେ ସ୍ପଷ୍ଟ ରୂପେ ପ୍ରକାଶିତ ହୋଇଥାଏ ଏବଂ ସ୍ପଷ୍ଟ ଜଣେପଡ଼େ ଯେ, ଏହା ମନଗଢା କାହାଣୀ ନୁହେଁ । ପ୍ରଥମ ଘଟଣାଟି ହେଉଛି ଅସ୍‌ମା ବିନ୍‌ତ୍ ମୁର୍‌ୱାନଙ୍କ ହତ୍ୟାର ଘଟଣା । ତତ୍‌ସଂକ୍ରାନ୍ତରେ ଏହା ବର୍ଣ୍ଣନା କରାଯାଏ ଯେ, ତା'ର ହତ୍ୟା କରାଗଲା ଏବଂ ଉକ୍ତ ବିସ୍ତୃତ ବିବରଣୀରେ ବର୍ଣ୍ଣିତ ହୋଇଛି ଯେ, ହ.

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

**"ପବିତ୍ର କୁରଆନକୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

**"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଉମୈର୍ ବିନ୍ ଅଦିୟା ଖୃତ୍ମି ନାମକ ଜଣେ ଦୃଷ୍ଟିହୀନ ସାହାବି ଥିଲେ । ହ. ଉମୈର୍ ର.ଅ ବନୁ ଖୃତ୍ମା ସଂପ୍ରଦାୟ ମଧ୍ୟରୁ ସର୍ବପ୍ରଥମ ବ୍ୟକ୍ତି ଅଟନ୍ତି ଯେକି ମୁସଲମାନ ହୋଇଥିଲେ। ପ୍ରବାସର ଦ୍ୱିତୀୟ ବର୍ଷ ଥିଲା, ରମଜାନ ମାସର ପାଞ୍ଚଟି ରାତ୍ର ବାକି ରହିଥିଲା ।  ଆଁହଜରତ ସ.ଅ ଉମୈର୍ ବିନ୍ ଅଦି ହିତ୍ମିଙ୍କୁ ଅସ୍ମା ବିନ୍ତ୍ ମୁର୍ୱାନ୍ ଆଡ଼କୁ ପ୍ରେରଣ କଲେ । ଏହି ଅସ୍ମା ବିନ୍ତ୍ ମୁର୍ୱାନ୍ ଜଣେ ଇହୁଦୀ ମହିଳା ଥିଲା । ସେ ମୁର୍ସଦ୍ ବିନ୍ ହିସନ୍ ଅନ୍ସାରୀଙ୍କ ପତ୍ନି ଥିଲା । ହ. ମୁର୍ସଦ୍ ବିନ୍ ହିସନ୍ ମୁସଲମାନ ହୋଇଯାଇଥିଲେ । ଅସ୍ମା ବିନ୍ତ୍ ମୁର୍ୱାନ୍ର ହତ୍ୟା ଆଦେଶ ଦେବାର କାରଣ ଏହା ଥିଲା ଯେ, ସଂପୃକ୍ତ ମହିଳା ଜଣକ ଇସ୍ଲାମ୍ ଧର୍ମକୁ ଗାଳି ଦେଉଥିଲା ଏବଂ ଆଁହଜରତ ସ.ଅଙ୍କ ବିରୁଦ୍ଧରେ ଲୋକମାନଙ୍କୁ ଉସ୍କାଉଥିଲା ଏବଂ ଉସକାଇ କବିତା ମଧ୍ୟ କହୁଥିଲା । ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଉକ୍ତ ମହିଳା ଜଣକ ମସ୍ଜିଦେ ନବ୍ୱୀରେ ଯାଇ ଅସନା ତଥା ଅପବିତ୍ର କପଡ଼ା ପକାଇ ଦେଉଥିଲା। ଉକ୍ତ କାହାଣୀକୁ ଗଢିବା ନିମନ୍ତେ ସେହି ବର୍ଣ୍ଣନାରେ ଏହାକୁ ମଧ୍ୟ ସାମିଲ୍ କରିନିଆଯାଇଛି । ଏହିପରି ଭାବରେ ଆଁହଜରତ ସ.ଅ ଏବଂ ମୁସଲମାନମାନଙ୍କୁ ଉକ୍ତ ମହିଳା ଜଣକ ଦୁଃଖ କଷ୍ଟ ଦେଉଥିଲା । ହ. ଉମୈର୍ ର.ଅ ରାତ୍ରର ଅନ୍ଧାରରେ ସେହି ମହିଳା ଘର ଭତରକୁ ପ୍ରବେଶ କଲେ । ତାଙ୍କ କହିବାନୁଯାୟୀ ଯେତେବେଳେ ଆଁହଜରତ ସ.ଅ ତାଙ୍କୁ ଆଦେଶ ଦେଲେ । ତେବେ ରାତ୍ରର ଅନ୍ଧକାରରେ ସେହି ମହିଳା ଘରକୁ ଗଲେ, ତା'ର ସନ୍ତାନମାନେ ତା' ଆଖପାଖରେ ଶୋଇଥିଲେ ଏବଂ ଜଣେ ସନ୍ତାନକୁ ସେ ସ୍ତନ୍ୟ ପାନ କରାଉଥିଲା । ଉମୈର୍ ତା'କୁ ଅନ୍ଧାରରେ ହାତ ସାହାଯ୍ୟରେ ଉଣ୍ଡାଳିବାକୁ ଲାଗିଲେ ଏବଂ ସେହି ମହିଳାକୁ ତା'ର ସନ୍ତାନ ଠାରୁ ଦୂରେଇ ଦେଇ ନିଜର ଖଡ଼୍ଗ ତା'ର ଛାତି ଉପରେ ରଖି ଜୋରରେ ଖଡ଼ଗକୁ ଭିଡ଼ିଲେ (ଦାବିଲେ) (ବଳ ପ୍ରୟୋଦ କଲେ) ଏପର୍ଯ୍ୟନ୍ତକି ଖଡ଼୍ଗ ତା' ଅଣ୍ଟାରୁ ଫୁଟି ବାହାରକୁ ବାହାରିଗଲା । ଏହାପରେ ଉମୈର୍ ବିନ୍ ଅଦି ମଦିନା ଆସି ଆଁହଜରତ ସ.ଅଙ୍କ ପଛରେ ସକାଳ ନମାଜ ପାଠ କଲେ । ଆଁହଜରତ ସ.ଅ ଯେତେବେଳେ ନମାଜ ପାଠ କରି ଉଠିଗଲେ ସେତେବେଳେ ଆପଣ ସ.ଅଙ୍କ ଦୃଷ୍ଟି ଉମୈର୍ଙ୍କ ଉପରେ ପଡ଼ିଲା । ଆପଣ ସ.ଅ ଉମୈର୍କୁ ପଚାରିଲେ ହେ ଉମୈର୍ ! ତୁମେ ମୁର୍ୱାନ୍ ପୁତ୍ରୀର ହତ୍ୟା କରିଦେଇଛ କି ? ଉମୈର୍ କହିଲେ, ହଁ । ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ତେବେ କ'ଣ ଏହି ହତ୍ୟା ଯୋଗୁଁ ମୋତେ ପାପ ଲାଗିବ କି ? ହ. ଉମୈର୍ ର.ଅ ବର୍ତ୍ତମାନ ଆଁହଜରତ ସ.ଅଙ୍କୁ ପଚାରୁଛନ୍ତି । ଅନ୍ୟ ପଟରେ ଉଲ୍ଲେଖ ରହିଛି ଯେ, ଆଁହଜରତ ସ.ଅ ଉମୈରଙ୍କୁ ପ୍ରେରଣ କରିଥିଲେ। ତେଣୁ ଉମୈର୍ ଆପଣ ସ.ଅଙ୍କୁ ପଚାରୁଛନ୍ତି ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ମୁଁ ହତ୍ୟା କରିଦେଇଥିବାରୁ ମୋତେ କୌଣସି ପାପ ଲାଗିବ କି ? ଆପଣ ସ.ଅ ପ୍ରତ୍ୟୁତ୍ତରରେ ଆରବୀ ଭାଷାର ଏକ ଆପ୍ତ ବାକ୍ୟ କହିଲେ, لَا يَنْتَطِحُ فِيهَا عَنْزَانِ। ଏଥିଯୋଗୁଁ ଦୁଇଗୋଟି ଛେଳୀ ପରସ୍ପର ମଧ୍ୟରେ କଳହ କରିବେ ନାହିଁ । ଅର୍ଥାତ୍ ସେହି ମହିଳାର ବଧ ଏତେ ତୁଚ୍ଛ ଏବଂ ସାଧାରଣ ଅଟେ ଯେ, ଏହାର ବିରୋଧକାରୀ ବ୍ୟକ୍ତି ମଧ୍ୟ ତା' ପାଇଁ ବିରୋଧ କରିବ ନାହିଁ । ବର୍ଣ୍ଣନାକାରୀ କୁହନ୍ତି ଯେ, ଉକ୍ତ ବାକ୍ୟ ବା ଆପ୍ତ ବାକ୍ୟଟି ଆଁହଜରତ ସ.ଅଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିର ତୁଣ୍ଡରୁ କୁହଯାଇ ନାହିଁ (ଅର୍ଥାତ୍ ଉକ୍ତ ବାକ୍ୟଟି ଆଁହଜରତ୍ ସ.ଅଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି କହି ନାହିଁ) । ଅତଏବ୍ ଏଠାରେ ସେହି ବର୍ଣ୍ଣନାଟି ଉପଲବ୍ଧ ଅଟେ । ସେ ଯାହା ହେଉ ଉକ୍ତ ଘଟଣା ପରେ ଆଁହଜରତ ସ.ଅ ଉମୈର୍ଙ୍କ ନାମ ବସୀର୍ ଅର୍ଥାତ୍ (ଚକ୍ଷୁଷ୍ମାନ୍) ବୋଲି ନାମକରଣ କଲେ । ହ. ଉମର୍ ବିନ୍ ଖତ୍ତାବ୍ ର.ଅ କହିଲେ, ସେହି ଅନ୍ଧ ବ୍ୟକ୍ତି ଆଡ଼କୁ ଦେଖ ଯିଏ ଅଲ୍ଲାଃତାଲାଙ୍କ ଆଜ୍ଞାପାଳନ ନିମନ୍ତେ ରାତ୍ର ଯାପନ କରିଛି । ଆଁହଜରତ୍ ସ.ଅ ହ. ଉମର୍ ର.ଅଙ୍କୁ କହିଲେ, ହେ ଉମାର୍ ତୁମେ ଉମୈର୍ଙ୍କୁ ଅନ୍ଧ ବୋଲି କୁହ ନାହିଁ ବରଂ ତାଙ୍କୁ ବସୀର୍ ବୋଲି କୁହ ବା ଡାକ ।

ଏକ ବର୍ଣ୍ଣନାରେ ଅସ୍ମାର ବଧ ଘଟଣାଟି ଏହିପରି ବର୍ଣ୍ଣିତ ହୋଇଛି ଯେ, ରସୁଲୁଲ୍ଲାଃ ସ.ଅ ଯେତେବେଳେ ଅସ୍ମା ବିନ୍ତ୍ ମୁର୍ୱାନର ବଧ କରିବାର ଇଚ୍ଛା ପ୍ରକାଶ କଲେ ସେତେବେଳେ ଲୋକମାନଙ୍କୁ ପଚାରିଲ, ହେ ସାହାବାମାନେ ତୁମମାନଙ୍କ ମଧ୍ୟରୁ ଏପରି କୌଣସି ବ୍ୟକ୍ତି ଅଛି ଯିଏ ଆମକୁ (ମୋତେ/ଆଁହଜରତ ସ.ଅଙ୍କୁ) ଉକ୍ତ ମହିଳା ଠାରୁ ମୁକ୍ତି ଦେଇପାରିବ ? ପ୍ରତ୍ୟୁତ୍ତରରେ ଉମୈର୍ ବିନ୍ ଅଦି କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ଉକ୍ତ ମହିଳାର କାମ ତମାମ୍ କରିବା ମୋ ଦାୟିତ୍ୱ ଅଟେ ।  ଏହାପରେ ଉମୈର୍ ଅସମା ନିକଟରେ ପହଞ୍ଚିଲେ , ସେ ଖଜୁରୀ କୋଳି ବିକ୍ରି କରୁଥିଲା । ଉମୈର୍ ତା' ସାମ୍ନାରେ ରଖା ଯାଇଥିବା ଖଜୁରୀ କୋଳି ଆଡ଼କୁ ଇଙ୍ଗିତ କରି କହିଲେ, ଶ୍ରମତୀ ! କ'ଣ ତୁମ ନିକଟରେ ଏହି ଖଜୁରୀ କୋଳି ଠାରୁ ଆଉ ଉତ୍ତମ ଖଜୁରୀ କୋଳି ଅଛି କି ? ସେ ଉତ୍ତର ଦେଲା, ହଁ ଏବଂ ସେ ଏତିକି କହି ନିଜ ଘର ଭିତରକୁ ପ୍ରେବେଶ କଲା ଏବଂ ଖଜୁରୀ କୋଳି ଉଠାଇବା ପାଇଁ ତଳକୁ ଅଣ୍ଟା ନୁଆଁଇଲା । ଉମୈର୍ କୁହନ୍ତି, ମୁଁ ବାମ ପାର୍ଶ୍ୱକୁ ଦେଖିଲି ଓ ଦକ୍ଷିଣ ପାର୍ଶ୍ୱ ଆଡ଼କୁ ଦେଖିଲି, ଏହାପରେ ମୁଁ ତା' ମସ୍ତିଷ୍କ ଉପରେ ପ୍ରହାର କଲି ଓ ତା'ର ସଂହାର କରିଦେଲି । ସେତେବେଳେ ଆପଣ ସ.ଅ ସାହାବାମାନଙ୍କୁ କହିଲେ, ହେ ସାହାବାମାନେ ! ତୁମେମାନେ ଯଦି ଏପରି ବ୍ୟକ୍ତି (ଆଡ଼କୁ) ଦେଖିବାକୁ ଚାହୁଁଛି ଯିଏ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କୁ ସାହାଯ୍ୟ କରିଛି ତେବେ ସେହି ବ୍ୟକ୍ତି ହେଉଛି ଉମୈର୍ ବିନ୍ ଅଦିଙ୍କୁ ଦେଖିନିଅ ।

ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ରସୁଲୁଲ୍ଲାଃ ସ.ଅ ଯେତେବେଳେ ଅସମା ବିନତ୍ ମୁର୍ୱାନ୍ର ବଧକୁ ଉଚିତ୍ ଏବଂ ବୈଧ ବୋଲି ବିବେଚିତ କଲେ ସେତେବେଳେ ଉମୈର ଏହି ମାନସିକ କରିଥିଲେ ଯେ, ଅଲ୍ଲାଃତାଲା ଯଦି ନିଜର ବାର୍ତ୍ତାବହଙ୍କୁ ବଦର୍ ଯୁଦ୍ଧରୁ ସକୁଶଳେ ମଦିନା ପହଞ୍ଚାଇ ଦିଅନ୍ତି ତେବେ ମୁଁ ଅସ୍ମାର ବଧ କରିଦେବି । ଅର୍ଥାତ୍ ବଦର୍ ଯୁଦ୍ଧ ପୂର୍ବରୁ ଆଁହଜରତ ସ.ଅଙ୍କ ଉକ୍ତ ଆଦେଶ ରହିଥିଲା ଯେ, ଅସ୍ମାର ବଧ କରିଦିଯାଉ । ତେଣୁ ଉମୈର୍ ର.ଅ କହିଲେ, ମୁଁ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ ପରେ ଅସ୍ମାର ବଧ କରିଦେବି । ସୁତରାଂ ରସୁଲୁଲ୍ଲାଃ ସ.ଅ ଯେତେବେଳେ ବଦର୍ ଯୁଦ୍ଧର ଜୟଯୁକ୍ତ ହୋଇ ମଦିନା ମୁନୱରାହ୍ ଫେରିଲେ ସେତେବେଳେ ହ. ଉମୈର୍ ର.ଅ ନିଜର ମାନସିକ ପୂରଣ କରିବା ନିମନ୍ତେ ଅସ୍ମା ଘରକୁ ଯାଇ ତା'ର ବଧ କରିଦେଲେ । ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଅସ୍ମା ବିନତ୍ ମୁର୍ୱାନ୍କୁ ବଧ କରିବା ପରେ ହ. ଉମୈର୍ ର.ଅ ସେହି ସାହିରୁ ଫେରି ଆସିଲେ । ତେବେ ଅସ୍ମାର ପୁତ୍ର ଏକ ଦଳକୁ ନେଇ ନିଜର ମାତାକୁ କବର ଦେଉଥିଲେ । ଉମୈର୍କୁ ଦେଖି ସେହି ଦଳ (ଲୋକମାନେ) କହିଲା, ହେ ଉମୈର୍ ! କ'ଣ ତୁମେ ଅସମାର ବଧ କରିଛ ? ହ. ଉମୈର୍ ର.ଅ କହିଲେ, ହଁ ମୁଁ ବଧ କରିଛି। ପୁନଶ୍ଚ କହିଲେ, فَكِيْدُوْنِيْ جَمِيْعًا ثُمَّ لَا تُنْظِرُوْنِ ଅତଏବ୍ ତୁମେମାନେ ସମସ୍ତେ ମିଶି ମୋ ବିରୁଦ୍ଧରେ ଷଡ଼ଯନ୍ତ୍ର ରଚ ଏବଂ ମୋତେ କୌଣସି ସମୟ ନଦିଅ ପଛେ । ମୁଁ କିନ୍ତୁ ସେହି ସତ୍ତାଙ୍କର ଶପଥ କରି କହୁଛି ଯାହାଙ୍କ ହାତ ମୁଠାରେ ମୋର ପ୍ରାଣବାୟୁ ରହିଛି । ତୁମେମାନେ ସମସ୍ତେ ମିଶି ମଧ୍ୟ ସେହି କଥା କୁହ ଯାହା ଏହି ମୃତ ମହିଳା କହୁଥିଲା ତେବେ ମୁଁ ତୁମ ସମସ୍ତଙ୍କର ସ୍କନ୍ଧଚ୍ୟୁତ ନିଜ ଖଡ଼୍ଗରୁ ଆରମ୍ଭ କରିଦେବି । ଏପର୍ଯ୍ୟନ୍ତକି ମୁଁ ଶହୀଦ୍ ହୋଇଯିବି ନଚେତ୍ ତୁମମାନଙ୍କୁ ମୁଁ ନର୍କଗାମୀ କରାଇଦେବି। ସେହି ଦିନ ଠାରୁ ବନୁ ଖୁତ୍ମା ସଂପ୍ରଦାୟରେ ଖୋଲମଖୋଲା ଇସ୍ଲାମ୍ ଧର୍ମ ପ୍ରସାରିତ ହେବାକୁ ଲାଗିଲା । ଅନ୍ୟଥା ଏହା ପୂର୍ବରୁ  ସେହି ସଂପ୍ରଦାୟରେ ଯେଉଁ ଲୋକମାନେ ମୁସଲମାନ ହୋଇସାରିଥିଲେ ସେମାନେ ମଧ୍ୟ ନିଜକୁ ମୁସଲମାନ ଅଟନ୍ତି ବୋଲି ଲୁଚାଉଥିଲେ ।

ଅଲ୍ଲାମା ସୁହୈଲୀ ଉଲ୍ଲେଖ କରନ୍ତି ଯେ, ଅସ୍ମାକୁ ବଧ କରିଥିବା ବ୍ୟକ୍ତି ଅସ୍ମାଙ୍କର ସ୍ୱାମୀ ଥିଲା । ଇସ୍ତିଆବ୍ ପୁସ୍ତକରେ ହ. ଉମୈର୍ ର.ଅଙ୍କ ଜୀବନରେ ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ସେ (ହ. ଉମୈର୍ ର.ଅ) ନିଜର ଭଉଣୀର ବଧ କରିଥିଲେ । କାରଣ ସେ (ଅସ୍ମା) ଆଁହଜରତ ସ.ଅଙ୍କୁ ଗାଳି ଦେଉଥିଲା । କିନ୍ତୁ ଇସ୍ତିଆବ୍ ପୁସ୍ତକରେ ଉମୈର୍ର ଭଉଣୀର ନାମ ଉଲ୍ଲିଖିତ ହୋଇ ନାହିଁ । **(ସିରତ୍ ହଲବିୟାହ୍ (ଅନୁବାଦକ) ଭାଗ-3, ପୃ-482-485, ପ୍ରକାଶନ ସ୍ଥାନ ଦାରୁଲ୍ ଇଶାଅତ୍ କରାଚୀ, ପାକିସ୍ତାନ, 2009 ମସିହା) (ସବ୍ଲୁଲ୍ ହୁଦା ୱର୍ ରଶ୍ଣାଦ୍, ଭାଗ-6, ପୃ-21, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍-1993 ମସିହା)**

ହୁଜୁର ଅନ୍ୱର୍ ଅ.ବ କହିଲେ, ସୁତରାଂ ହ. ଉମୈର୍ ର.ଅଙ୍କ ସଂକ୍ରାନ୍ତରେ ଏହି ସମସ୍ତ କାହାଣୀ ବର୍ଣ୍ଣନା କରାଯାଇଛି । ଅର୍ଥାତ୍ ଇତିହାସ ପୁସ୍ତକ ଏବଂ ଜୀବନୀ ପୁସ୍ତକମାନଙ୍କରେ ଉକ୍ତ ଘଟଣାଟିର ଚର୍ଚ୍ଚା ମିଳେ । କିନ୍ତୁ ସିହା ସିତ୍ତା ଏବଂ ହଦିସ୍ର ବିଶ୍ୱସ୍ତ ପୁସ୍ତକରେ ମଧ୍ୟ ଉକ୍ତ ଘଟଣାର ଚର୍ଚ୍ଚା ମିଳେ ନାହିଁ ।

ଘଟଣାକ୍ରମଟି ଏହିପରି ପରବର୍ତ୍ତୀ କାଳରେ କେତେକ ଲୋକମାନେ ଏହିପରି କପୋଳକଳ୍ପିତ (ମନଗଢା) ଏବଂ ନକଲି ଘଟଣାବଳୀକୁ କେବଳ ନିଜର ପୁସ୍ତକମାନଙ୍କରେ ପ୍ରଶୟ ଏବଂ ସ୍ଥାନିତ କରି ନାହାନ୍ତି ବରଂ ତୌହିନେ ରିସାଲତ୍ (ଆଁହଜରତ ସ.ଅଙ୍କ ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିବା)ର ଶାସ୍ତି ସଂପର୍କରେ ପ୍ରମାଣ ସ୍ୱରୂପ ଉପସ୍ଥାପିତ କରିବାକୁ ଲାଗିଯାଇଛନ୍ତି ଏବଂ ଆଜିକାଲିକା ମୁଲ୍ଲାମାନେ ଏହି କଥାକୁ ନେଇ ପ୍ରମାଣ ଦିଅନ୍ତି ଯେ, ଯେଉଁ ବ୍ୟକ୍ତି ଆଁହଜରତ ସ.ଅଙ୍କ ସମ୍ମାନ ଏବଂ ଆଁହଜରତ ସ.ଅଙ୍କ ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରେ ତେବେ ସେହି ବ୍ୟକ୍ତିକୁ ହତ୍ୟା କରିଦିଆଯାଉ ଏବଂ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରାଯାଉ । କିନ୍ତୁ ତୌହିନେ ରିସାଲତ୍ର ଏଭଳି କୌଣସି

## ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି

"ହ. ମୁସ୍ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

**ତାଲିବେ ଦୁଆ:** Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲଃଥତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍ଲୁଲ୍ ଇଫ୍କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

ପ୍ରକାରର ଶାସ୍ତି ଇସଲାମୀୟ ଧର୍ମ ବିଧାନରେ ମହଜୁଦ୍ ନାହିଁ ଓ ନା ହିଁ ଏପରି ଘଟଣାବଳୀର କୌଣସି ସତ୍ୟତା ଏବଂ ବାସ୍ତବତା ରହିଛି ।

ଉଦାହରଣ ସ୍ୱରୂପ ଆମେମାନେ ଯେତେବେଳେ ଉକ୍ତ ଘଟଣାର ବିଶ୍ଳେଷଣାତ୍ମକ ଅଧ୍ୟୟନ କରୁ ତେବେ ଏହା ଜ୍ଞାତ ହୋଇଥାଏ ଯେ, ପ୍ରଥମତଃ ପ୍ରମାଣ ଦୃଷ୍ଟିରୁ ଉକ୍ତ ବର୍ଣ୍ଣନାଟି ଦୁର୍ବଳ ଏବଂ ନିକୃଷ୍ଟ ଅଟେ । ଅଲ୍ଲାମା ଅଲ୍‌ବାନି ଉକ୍ତ ହଦିସକୁ ମନଗଢା ବୋଲି ବିବେଚିତ କରିଛନ୍ତି । ସୁତରାଂ ଅଲ୍ଲାମା ନାସିରୁଦ୍ଦୀନ୍ ଅଲ୍‌ବାନି ଏହାକୁ ନିଜର ପୁସ୍ତକ "ସିଲ୍‌ସିଲତୁଲ୍ ଆହାଦିସ୍ ଅଜ୍ ଜଇଫତା ୱଲ୍ ମୌଜୁଆତା"ରେ ଉଲ୍ଲେଖ କରିଛନ୍ତି ଯେ, ଉକ୍ତ ହଦିସର ବର୍ଣ୍ଣନାକାରୀ ହେଉଛନ୍ତି ମୁହମ୍ମଦ୍ ବିନ୍ ଅମ୍ର ୱାକ୍‌ଦି ଯେକି ମିଥ୍ୟାବାଦୀ ଅଟେ ଏବଂ ଇବ୍‌ନେ ମୁଇନ୍ ଉକ୍ତ ବର୍ଣ୍ଣନାଟିକୁ ଦୁର୍ବଳ ଏବଂ ନିକୃଷ୍ଟ ବୋଲି ବିବେଚିତ କରିଛନ୍ତି । **(ସିଲ୍‌ସିଲତୁଲ୍ ଆହାଦିସ୍ ଅଜ୍ ଜଇଫତା ୱଲ୍ ମୌଜୁଆତା, ଭାଗ-6, ପୃ-34-35, ବର୍ଣ୍ଣନା ସଂଖ୍ୟା-6013, ମକତବା ଅଲ ମାଆରିଫ୍ଫୁର୍ ରିୟାଜ୍, -2004 ମସିହା)**

ଏତଦ୍‌ଭିନ୍ନ ବୁଦ୍ଧି ଏବଂ ଜ୍ଞାନ ଦୃଷ୍ଟିରୁ ଯଦି ଅନୁଧ୍ୟାନ କରାଯାଏ ତେବେ ଉକ୍ତ ବର୍ଣ୍ଣନା ସଂପର୍କରେ ଅନେକ ପ୍ରଶ୍ନ ଉତ୍ଥାପିତ ହୋଇଥାଏ । ଉଦାହରଣ ସ୍ୱରୂପ ସାହାବି ଅନ୍ଧ ହେବା ସତ୍ତ୍ୱେ ସେହି ମହିଳାର ଘର ପର୍ଯ୍ୟନ୍ତ ଏକୁଟିଆ କିପରି ଯାଇ ପହଞ୍ଚିଗଲେ? ଯଦି ଏହା କୁହାଯାଏ ଯେ, ପୂର୍ବରୁ କେବେ ଯାଇଥିବେ ଏବଂ ରାସ୍ତା ଦେଖିଥିଲେ। ନିୟମିତ ଯଦି ଯାଉଥିବେ ତାହାହେଲେ ବାଟ ଉଣ୍ଡାଳି ଉଣ୍ଡାଳି ପହଞ୍ଚିଗଲେ । କିନ୍ତୁ ଠିକ୍ ରାତ୍ର ସମୟରେ ଯେତେବେଳେ ଏକୁଟିଆ ସେଠାରେ (ଅସ୍‌ମା ବିନତ୍ ମୁରୱାନ୍ ଘରେ)ପହଞ୍ଚିଗଲେ, କବାଟ ପାଖରେ ମଧ୍ୟ ପହଞ୍ଚିଗଲେ ଓ ଭିତରକୁ ମଧ୍ୟ ପ୍ରବେଶ କରିଗଲେ । ପୁନଶ୍ଚ ଏହି ପ୍ରସଙ୍ଗ ଯେ, ସେ ଉକ୍ତ ମହିଳାକୁ କିପରି ଖୋଜି ପାଇଲେ ? ତାଙ୍କୁ କିପରି ଜ୍ଞାତ ହେଲା ଯେ, ଆଖ ପାଖରେ ଉକ୍ତ ମହିଳା (ଅସମା)ର ସନ୍ତାନମାନେ ଶୋଇଛନ୍ତି ? ମନେକରିନିଆଯାଉ ଯେ, ହ. ଉମୈର୍ ର.ଅ ପ୍ରତ୍ୟେକଙ୍କୁ ଉଣ୍ଡାଳୁଥିଲେ ଏବଂ ପୁଣି ସେ ଜାଣିବାକୁ ପାଇଲେ ଯେ, ଏଇଟା ଅସ୍‌ମା ଅଛି । ତେଣୁ ସେହି ଉଣ୍ଡାଳିବା ସମୟରେ କେହି (ସନ୍ତାନ ଓ ବ୍ୟକ୍ତି) ନିଦରୁ ଉଠିଲେ ନାହିଁ କି ? ଉଣ୍ଡାଳିବା ପରେ ହ. ଉମୈର୍ ଏହା ମଧ୍ୟ ଜାଣିଗଲେ ଯେ, ଅସ୍‌ମା ପିଲାକୁ ସ୍ତନ୍ୟପାନ କରାଉଥିଲା । ପୁନଶ୍ଚ ଉକ୍ତ ମୃତକା ଜଣକ ମୃତ୍ୟୁକୁ ସମ୍ମୁଖରେ ଦେଖି ମଧ୍ୟ ଅନ୍ଧ ବ୍ୟକ୍ତି ଠାରୁ ନିଜର ଆତ୍ମରକ୍ଷା କରିପିରାଲ ନାହିଁ ଅବା ନିଜର ସନ୍ତାନକୁ ବଞ୍ଚାଇବା ପାଇଁ କୌଣସି ଉଦ୍ୟମ ଏବଂ କଷ୍ଟ ମଧ୍ୟ କଲା ନାହିଁ ? କିନ୍ତୁ ବର୍ଣ୍ଣନାନୁଯାୟୀ ହତ୍ୟାକାରୀ ସ୍ତନ୍ୟପାନ କରୁଥିବା ସେହି ସନ୍ତାନକୁ ବଳପୂର୍ବକ ତଥା ଜୋର ଜବରଦସ୍ତ ମା' ଠାରୁ ପୃଥକ୍ କରିଥିଲେ । ହ. ଉମୈର୍ ର.ଅ ଅନ୍ଧ ଥିଲେ ଏବଂ ଉକ୍ତ ମହିଳା (ଅସ୍‌ମା)ର ଆଖି ଥିଲା, ଏହା ସତ୍ତ୍ୱେ ମଧ୍ୟ ସେ ଚିତ୍କାର କଲା ନାହିଁ ଏବଂ କୌଣସି କଷ୍ଟ କଲା ନାହିଁ । ତା'ର (ଅସ୍‌ମାର) ସ୍ୱାମୀ ମଧ୍ୟ ସେଠାରେ ଶୋଇଥିଲା, ସେ ମଧ୍ୟ କିଛି ଜାଣି ପାରିଲା ନାହିଁ ? ସବୁଠୁ ବଡ଼ ଏହି ଅନ୍ଧ ସାହାବି କୌଣସି ଶବ୍ଦ ନକରି ଏବଂ ଡାକ ନପକାଇ କିପରି ଜାଣିନେଲେ ଯେ, ସେ ଯେଉଁ ମହିଳାକୁ ସ୍ପର୍ଶ କଲେ ଏବଂ ବଧ କରିବାକୁ ଯାଉଛନ୍ତି ସେ ସେହି ଅସମା ବିନତ୍ ମୁରୱାନ୍ ଅଟେ ? ଯିଏ ଆଁହଜରତ ସ.ଅଙ୍କୁ ଅପଶବ୍ଦ ତଥା ଗାଳି ଗୁଲଚ କରୁଥିଲା। ସାଧାରଣତଃ ଅନ୍ଧ ବ୍ୟକ୍ତିମାନେ ଶବ୍ଦରୁ ହିଁ ବ୍ୟକ୍ତିକୁ ଚିହ୍ନି ଥାଆନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅନ୍ୟ ଏକ ବର୍ଣ୍ଣନା ରହିଛି । ତହିଁରେ ମଧ୍ୟ ବିଭିନ୍ନ କାହାଣୀ ବର୍ଣ୍ଣିତ ହୋଇଛି । ସେହି ଅନ୍ୟ କାହାଣୀଟି ଏହିପରି ଯେ, ସେହି ମହିଳା ଅର୍ଥାତ୍ ଅସ୍‌ମା ବିନତ୍ ମୁରୱାନ୍ ଯେତେବେଳେ ଖଜୁରୀ ନେବା ନିମନ୍ତେ ଘର ଭିତରକୁ ଗଲା ସେତେବେଳେ ଉକ୍ତ ସାହାବି ଜଣକ ଅର୍ଥାତ୍ ହ. ଉମୈର୍ ର.ଅ ଏଣେତେଣେ ଦେଖିଲେ ତେବେ ତାଙ୍କୁ କେହି ଦେଖାଗଲା ନାହିଁ । ଉକ୍ତ କଥାଟି ବିଚାରଯୋଗ୍ୟ ଯେ, ସାହାବି ତ' ଅନ୍ଧ ଥିଲେ । ତେବେ ଏ ପରିସ୍ଥିତିରେ ଏଣେତେଣେ କିପରି ଦେଖିପାରୁ ଥିଲେ ଓ ସେ କିପରି ଏହା କହିପାରୁ ଥିଲେ ଯେ, ମୁଁ ଏଣେତେଣେ ଦେଖିଲି ତ' କେହି ମୋତେ ଦେଖାଗଲେ ନାହିଁ ? ବରଂ ପୂର୍ବରୁ ହିଁ ପଡ଼ିଥିବା ଖଜୁରୀକୋଳିକୁ ଦେଖି ମଧ୍ୟ ଏହା ଆକଳନ କରିନେଲେ ଯେ, ଉକ୍ତ ଖଜୁରୀ କୋଳିଗୁଡ଼ିକ ଉତ୍ତମ ଏବଂ ଉତ୍କୃଷ୍ଟ ମାନର ନୁହନ୍ତି । ଯଦି କୌଣସି ବ୍ୟକ୍ତି ଏହା କୁହେ କି ହ. ଉମୈର୍ ହାତ ସ୍ପର୍ଶ କରି ଦେଖିଥିଲେ । ତେବେ ଚାଲ ଠିକ୍ ଅଛି ଏହାକୁ ଗ୍ରହଣ କରିନିଆଯାଉ । କିନ୍ତୁ ସେ ଯାହା ହେଉ ଏଣେତେଣେ ଦେଖିବା କଥା ତ' ଅଛି ନା । ଅର୍ଥାତ୍ ଏଣେତେଣେ ଦେଖିବାର କିଛି ମତଲବ୍ ଅଛି । ହ. ଉମୈର୍ ଏଣେତେଣେ ଦେଖିଛନ୍ତି ।

ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଯେତେବେଳେ ସଂପୃକ୍ତ ସାହାବି ଜଣକ ଉକ୍ତ ମହିଳାକୁ ହତ୍ୟା (ବଧ) କରିବା ପରେ ଆଁହଜରତ ସ.ଅଙ୍କ ସେବାରେ ପହଞ୍ଚିଲେ ଓ ତା'ର ବଧର ସୂଚନା ଦେଲେ । ଯେତେବେଳେ ହ. ଉମୈର୍ ର.ଅ ପୁନଃ ସେଠାକୁ (ସେହି ମହିଳା ରହୁଥିବା ସାହିରେ ବା ସ୍ଥାନ ଗଲେ) ଫେରିଲେ ସେତେବେଳେ ସେଠାରେ ସେହି ମହିଳାର ପୁତ୍ରମାନେ ନିଜ ମାତାକୁ କବର ଦେଉଥିଲେ । ଏକଥା ମଧ୍ୟ ବିଚାରଯୋଗ୍ୟ ଯେ, ଏହା କିପରି ସମ୍ଭବପର ଯେ, ଏପଟେ ହ. ଉମୈର୍ ଅସ୍‌ମାର ବଧ କରିଦେବେ ଏବଂ ସେପଟେ ତା'ର ପୁତ୍ରମାନେ କିଛି କ୍ଷଣ ମଧ୍ୟରେ ହିଁ ତା'କୁ (ଅସ୍‌ମାକୁ) କବର ଦେଇ ଚାଲି ଆସିଲେ । ଅର୍ଥାତ୍ ଖୁବ୍ ସ୍ୱଳ୍ପ ସମୟରେ ହିଁ ସମସ୍ତ ଘଟଣା ବା ସମସ୍ତ କାର୍ଯ୍ୟ ହୋଇଗଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆମ ଅହେମଦିମାନଙ୍କର ଏହି ଗବେଷଣା ମଧ୍ୟ ରହିଛି ତାହାକୁ ମୁଁ ଏଠାରେ ବର୍ଣ୍ଣନା କରିଦେଉଛି । ଅର୍ଥାତ୍ ଏତଦ୍‌ଭିନ୍ନ ଅନ୍ୟାନ୍ୟ ମତପାର୍ଥକ୍ୟତା ଯାହାକି ଉକ୍ତ ଘଟଣାକୁ ନକଲି ଓ ମନଗଢା ବା କପୋଳ କଳ୍ପିତ ବୋଲି ସାବ୍ୟସ୍ତ କରନ୍ତି ତନ୍ମଧ୍ୟରୁ ଅନେକ ବର୍ଣ୍ଣନାରେ ଉକ୍ତ ମହିଳାର ନାମ ଅସ୍‌ମା ବିନ୍‌ତ୍ ମୁରୱାନ୍ ବୋଲି ବର୍ଣ୍ଣିତ ହୋଇଛି । ଅପର ପକ୍ଷେ ମୁସନ୍ନିଫୁଲ୍ ଇସ୍ତିଆବ୍‌ଙ୍କ ମତରେ ସେହି ମହିଳା ଅସ୍‌ମା ନୁହନ୍ତି, ବରଂ ଉମୈର ର.ଅଙ୍କ ଭଉଣୀ ବିନ୍‌ତ୍ ଅଦି ଥିଲେ । **(ଅଲ୍ ଇସ୍ତିଆବ୍ ଫି ମାଆରିଫତୁଲ୍ ଅସ୍‌ହାବ୍, ଭାଗ-3, ଜିକ୍ରୁ ଉମୈର୍ ବିନ୍ ଅଦି ଅଲ୍ ହତ୍‌ମି, ପୃ-291, ମକତବା, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2002 ମସିହା)**

**ଦ୍ୱିତୀୟତଃ** ସେହି ହତ୍ୟାକାରୀର ନାମ ଅନେକ ସ୍ଥାନରେ ଉମୈର୍ ବିନ୍ ଅଦି ବୋଲି ବର୍ଣ୍ଣିତ ହୋଇଛି । କିନ୍ତୁ କେତେକ ସ୍ଥାନରେ ଉମୈର୍ ବିନ୍ ଅଦି ମଧ୍ୟ ବର୍ଣ୍ଣିତ ହୋଇଛି । **(ଜୱାମିଉସ୍ ସିରତା, ଲିଇବ୍‌ନି ହିଜମ୍, ପୃ-19, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ-2003 ମସିହା)**

ଅପରପକ୍ଷେ ଇବନେ ଦୁରୈଦ୍‌ଙ୍କ ନିକଟରେ ବା ଦୁରୈଦ୍‌ଙ୍କ ମତରେ ହତ୍ୟାକାରୀର ନାମ ଗିଶ୍‌ମିର୍ ଥିଲା । **(ଶରହୁଜ୍ ଜର୍କାନୀ, ଅଲଲ୍ ମୱାହିବି ଅଲ୍ ଲୁଦ୍‌ନିୟାହ୍, ଭାଗ-2, ପୃ-342, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-1996 ମସିହା)**

ଇବ୍‌ନେ ସାଆଦ୍‌ଙ୍କ ମତରେ ଅସ୍‌ମାର ହତ୍ୟାର ସମୟ ମଧ୍ୟରାତ୍ର ଥିଲା । ଅପରପକ୍ଷେ ଜର୍କାନୀଙ୍କ ବର୍ଣ୍ଣନାରେ ଦିନ କିମ୍ବା ସନ୍ଧ୍ୟା ସମୟ ପ୍ରତିତ ହୁଏ । କାରଣ ବର୍ଣ୍ଣନାନୁଯାୟୀ ମୃତକା ଖଜୁରୀ କୋଳି ବିକ୍ରି କରୁଥିଲା । (ଅତ୍ ତବ୍‌କାତୁଲ୍ କୁବ୍ରା, ଲିଇବ୍‌ନି ସାଆଦ୍, ଭାଗ-2, ପୃ-344, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-1996 ମସିହା)

ପୁନଶ୍ଚ ଉକ୍ତ ଘଟଣା ଘଟିବାର ଶୈଳୀ ସଂପର୍କରେ ମଧ୍ୟ ମତପାର୍ଥକ୍ୟ ରହିଛି। ତାହା ଏହିକି ଯେ, ମୃତକା ଅସ୍‌ମାର ତଣ୍ଟି ଚିପି ମାରି ଦିଆଯାଇଥିଲା । ତା' ପେଟରେ ଛୁରୀ ଭୁଷି ତା'ର ବଧ କରିଦିଆଯାଇଥିଲା । ସେହି ରାତ୍ରରେ ସେ ଶୋଇଥିବା ଅବସ୍ଥାରେ ତା'ର ବଧ କରିଦିଆଗଲା କିମ୍ବା ତା' ଠାରୁ ଖଜୁରୀ କୋଳି ନେବା ବାହାନାରେ ତା'ର ଘର ପୋଡ଼ି ଦିଆଯାଇଥିଲା ।

ପୁନଶ୍ଚ ଏହା ମଧ୍ୟ ବର୍ଣ୍ଣିତ ହୋଇଛି ଯେ, ସିରତ୍ ଇବ୍‌ନେ ହିଶ୍ଶାମ୍ ଅନୁଯାୟୀ ଯେତେବେଳେ ଅବୁ ଅଫକ୍‌କୁ ହତ୍ୟା କରିଦିଆଗଲା ସେତେବେଳେ ସେ କପଟବିଶ୍ୱାସୀ ହୋଇଗଲା । ଉକ୍ତ ବାକ୍ୟରୁ ଏହା ପ୍ରକାଶ୍ୟ ଯେ, ସେ (ଅସ୍‌ମା) ଯେପରି ପୂର୍ବେ ମୁସଲମାନ ଥିଲା ଏବଂ ଅବୁ ଅଫକ୍‌ର ନିହତ ହେବାର ଖବର ଶୁଣି ସେ କପଟବିଶ୍ୱାସୀନୀ ପାଲଟିଗଲା । ସେ ଯଦି ଏଥି ପୂର୍ବରୁ ମୁସଲମାନ ଥିଲା ତେବେ ହୁଜୁର୍ ସ.ଅଙ୍କ ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିବା ସହିତ କିପରି ନିନ୍ଦା ଏବଂ ବ୍ୟଙ୍ଗାତ୍ମକର ସହିତ ଲେଖି ପାରୁଥିଲା ଏବଂ ମସଜିଦ୍‌କୁ କିପରି ଅସମ୍ମାନ ଜଣାଇ ପାରୁଥିଲା ।

ୱାକ୍‌ଦିଙ୍କ ବର୍ଣ୍ଣନାନୁଯାୟୀ ଉମୈର୍ କହିଲେ, ହେ ଅଲ୍ଲାଃ ! ମୁଁ ତୁମ୍ଭ ନିମନ୍ତେ ଏକ ମାନସିକ କରୁଛି । ଅର୍ଥାତ୍ ମୁଁ ଯଦି ରସୁଲୁଲ୍ଲାଃ ସ.ଅଙ୍କ ସହିତ ମଦିନା ଫେରି ଆସିଲି ତେବେ ମୁଁ ଅବଶ୍ୟ ତା'କୁ (ଅସ୍‌ମାକୁ) ହତ୍ୟା କରିଦେବି । ଏହାର ବିପରୀତ ଦାଏରାହ୍ ମାଆରିଫ୍ ସିରତ୍ ମୁହମ୍ମଦ୍ ସ.ଅଙ୍କ ଲେଖକଙ୍କ କହିବା ମୁତାବକ ଅନ୍ଧ ଥିଲେ ଏବଂ ସେହି କାରଣରୁ ସେ ବଦର୍ ଯୁଦ୍ଧରେ ସାମିଲ୍ ହୋଇପାରି ନଥିଲେ । ସେହି ଲେଖକ ଜଣକ ଉକ୍ତ ଘଟଣାକୁ ଦୃଷ୍ଟିରେ ରେଖି ୱାକ୍‌ଦିଙ୍କ କଥନର ଚର୍ଚ୍ଚା କରିଛନ୍ତି ଯେ, ସେ ଅନ୍ଧ ହେବା ସତ୍ତ୍ୱେ ଜିହାଦ୍‌ରେ ଅଂଶ ଗ୍ରହଣ କରୁଥିଲେ । **(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ସ.ଅ, ପୃ-428-429, ଦାରୁଲ୍ ମାଆରିଫି, ଲାହୋର, 2022**

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

### ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢିନେଉ।"

(ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ: Sarwar Khan & Family, Jamat Ahmadiya Kerang, Darul Fazal (Odisha)

**ମସିହା) (କିତାବୁଲ୍ ମୁଗାଜି ଲିଲ୍ ୱାକିଦି, ଭାଗ-1, ପୃ-161, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-2013 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ଣ୍ଣନାକାରୀ ବା ଇତିହାସବିତ୍‌ମାନେ ସ୍ୱୟଂ ଭ୍ରମାତ୍ମକ ବର୍ଣ୍ଣନା ମିଶାଇ ଦେଇଛନ୍ତି । ଯଦିବି ଏହା ନକଲି ଏବଂ ମନଗଢା ତଥା କପୋଳ କଳ୍ପିତ ଘଟଣାବଳୀ ନୁହେଁ ତେବେ ଇତିହାସ, ଜିବନୀ ଇତ୍ୟାଦିର କେତେକ ପୁସ୍ତକମାନଙ୍କରେ, ଉଦାହରଣ ସ୍ୱରୂପ, ତିବ୍ରୀ ନାମକ ଇତିହାସ ପୁସ୍ତକ, ତାରିଖେ ଇବ୍‌ନେ କସିର୍ ଆଦି ଲେଖକ ଏବଂ ଇତିହାସବିତ୍‌ମାନେ ଉକ୍ତ ଘଟଣାରେ କାହିଁକି ଚର୍ଚ୍ଚା କଲେ ନାହିଁ । କେବଳ କେତୋଟି ପୁସ୍ତକ, ଉଦାହରଣ ସ୍ୱରୂପ ତବ୍‌କାତୁଲ୍ କୁବ୍ରା ଇବ୍‌ନେ ସାଆଦ୍ ଆଦି ସଂକ୍ଷିପ୍ତ ଚର୍ଚ୍ଚା କରିଛନ୍ତି । ଅପର ପକ୍ଷେ କେତେକ ଲେଖକମାନେ ପ୍ରାରମ୍ଭରୁ ହିଁ ଉକ୍ତ ଘଟଣାର ଚର୍ଚ୍ଚା କରି ନାହାନ୍ତି । କିନ୍ତୁ ୱାକ୍‌ଦିଙ୍କ ଉକ୍ତ ଘଟଣାର ଚର୍ଚ୍ଚା ଅପେକ୍ଷାକୃତ ବିସ୍ତୃତ ଭାବରେ ବର୍ଣ୍ଣନା କରିଛନ୍ତି । ଆହଦିସର ପୁସ୍ତକମାନଙ୍କରେ ମଧ୍ୟ ଉକ୍ତ ଘଟଣାର ଉଲ୍ଲେଖ ତଥା ଚର୍ଚ୍ଚା ମିଳେ ନାହିଁ। କିନ୍ତୁ ଆହଦିସ୍ ଗ୍ରନ୍ଥର ରଚୟିତାମାନେ ସେହି ସମସ୍ତ ବର୍ଣ୍ଣନାଗୁଡ଼ିକୁ ଯଦି ନିଜର ପୁସ୍ତକମାନଙ୍କରେ ସ୍ଥାନିତ କରିଛନ୍ତି ଯେଉଁସବୁ ବର୍ଣ୍ଣନାଗୁଡ଼ିକ ଆଁହଜରତ ସ.ଅଙ୍କ ଆଡ଼କୁ ଇଙ୍ଗିତ ହୋଇଥାଆନ୍ତି ତେବେ ଉକ୍ତ ଘଟଣାର ଚର୍ଚ୍ଚା କାହିଁକି କଲେ ନାହିଁ? ପୁନଶ୍ଚ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ବର୍ଣ୍ଣନାନୁଯାୟୀ ରସୁଲୁଲ୍ଲାଃ ସ.ଅ ସ୍ୱୟଂ ସେହି ସାହାବି (ହ. ଉମୈର୍)ଙ୍କୁ ଉକ୍ତ ମହିଳା (ଅସ୍‌ମା)ର ବଧ କରିବା ନିମନ୍ତେ ପ୍ରେରଣ କରିଥିଲେ । ତେବେ ସାହାବିମାନଙ୍କର ରସୁଲୁଲ୍ଲାଃ ସ.ଅଙ୍କ ସହିତ ଉକ୍ତ କଥା ପଚାରିବାର କ'ଣ ଅର୍ଥ ଅଛି ଯେ, ହ. ଉମୈର୍ ର.ଅ ଆଁହଜରତ ସ.ଅଙ୍କୁ ପଚାରିଲେ ଯେ, ହେ ଅଲ୍ଲାଙ୍କ ବାର୍ତ୍ତାବହ ! ମୁଁ ଯଦି ଉକ୍ତ ମହିଳା (ଅସ୍‌ମା)ର ବଧ କରିଦିଏ ତେବେ ମୋତେ କୌଣସି ପାପ ଲାଗିବ ନାହିଁ ତ' ?

ଯଦି ଉକ୍ତ ଘଟଣାଟି ଘଟିଛି ତେବେ ଇହୁଦୀମାନେ ତ' ନିଶ୍ଚିତ ରୂପେ ଏହା କୁହନ୍ତେ ଯେ, ବ୍ୟବହାରିକ ରୂପେ ମୁସଲମାନମାନେ ପ୍ରଥମେ ଅସ୍‌ମା ବିନ୍ତ୍ ମୁରୱାନ୍‌ର ବଧ କରି ନିଜର ଅଙ୍ଗୀକାର ଏବଂ ନିଜର ପ୍ରତିଜ୍ଞାକୁ ଭଙ୍ଗ କରିଛନ୍ତି ଏବଂ ମଦିନାର ଶାନ୍ତି ଓ ସୌହାର୍ଦ୍ଦ୍ୟକୁ ନଷ୍ଟ କରିବାକୁ ଚାହିଁଛନ୍ତି । ଅପର ପକ୍ଷେ ଇତିହାସବିତ୍‌ମାନେ ଉଦାହରଣ ସ୍ୱରୂପ ଅର୍ ରୌକୁଲ୍ ଉନୁଫ୍ ଏବଂ ତାରିଖୁତ୍ ତିବ୍ରୀ ଏକମତ ଅଟନ୍ତି ଯେ, ମୁସଲମାନମାନଙ୍କ ମଧ୍ୟରେ ଏବଂ ଇହୁଦୀମାନଙ୍କ ମଧ୍ୟରେ ପ୍ରଥମ ଯୁଦ୍ଧ ହେଉଛି ବନୁ କୈନ୍‌କା ଯୁଦ୍ଧ । **(ଅର୍ ରୌକୁଲ୍ ଉନୁଫ୍, ଭାଗ-3, ପୃ-225, ଦାରୁଲ୍ କୁତୁବୁଲ୍ ଇଲମିୟା, ବୈରୁତ୍) (ତାରିଖ୍ ତିବ୍ରୀ, ଭାଗ-2, ପୃ-48, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍, 2012 ମସିହା)**

ସ୍ୱୟଂ ଇହୁଦୀମାନଙ୍କର ଏପରି କୌଣସି ପ୍ରତିକ୍ରିୟା ଏବଂ ମନ୍ତବ୍ୟ ଉଲ୍ଲେଖ ନାହିଁ। ଅତଏବ୍ ଉକ୍ତ ପ୍ରସଙ୍ଗଗୁଡ଼ିକ ସେହି ଘଟଣାକୁ ଅଧିକ ସନ୍ଦେହାସ୍ପଦ ନୁହେଁ ବରଂ ଭୁଲ ବୋଲି ସାବ୍ୟସ୍ତ କରିଥାଏ । ଚରମପନ୍ଥୀ ମୁଲ୍ଲାମାନେ ଏହି ଘଟଣାବଳୀକୁ ପ୍ରାଧାନ୍ୟ ଦେଇ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ଓ ଛବିକୁ ବଦ୍‌ନାମ କରିଛନ୍ତି ଏବଂ ଆଜିକାଲି ସେହିପରି ମନଗଢା ଓ କପୋଳ କଳ୍ପିତ କାହାଣୀ ତିଆରି କରି ଏହି ଅଣଅହେମଦି ମୌଲବୀମାନେ ଅହେମଦିମାନଙ୍କ ବିରୁଦ୍ଧରେ ବିକ୍ଷୋଭ ଏବଂ କଠୋରତା ପ୍ରଦର୍ଶନ କରିଥାଆନ୍ତି ଏବଂ ଲୋକମାନଙ୍କୁ ଉସକାଇ ଥାଆନ୍ତି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଦ୍ୱିତୀୟ ଘଟଣା ମଧ୍ୟ ତତ୍‌ସଂପର୍କିତ ଅଟେ । ତାହା **ଇନ୍‌ଶାଅଲ୍ଲାଃ** ଆସନ୍ତାରେ ବର୍ଣ୍ଣନା କରିବି । ତାହା ମଧ୍ୟ ସ୍ପଷ୍ଟ ଭାବରେ ପ୍ରମାଣିତ ହୋଇଥାଏ ଯେ, ଉପରୋକ୍ତ ବର୍ଣ୍ଣନାଟି ଭୁଲ୍ ଅଟେ । ☆--☆--☆

## ପୃ-2ରେ ବର୍ଣ୍ଣିତ ଖୁତବା ଜୁମାର ଅବଶିଷ୍ଟାଂଶ........

**...**ଦଜ୍‌ଲା ନଦୀ କୂଳରୁ ସିରୀୟା ଅଭିମୁଖେ ଏବଂ ଅନ୍ୟଟି ଏସିଆ କୋଚକ୍ (କ୍ଷୁଦ୍ର ଏସିଆ)ଅଭିମୁଖେ ଆଜରବାଇଜାନ ଠାରୁ ଆର୍ମେନିୟା ଦେଇ ସଂପ୍ରତି ଅନାତୋଲିୟାରେ ପ୍ରବେଶ କଲେ ଏବଂ ଉଭୟ ପାର୍ଶ୍ୱରୁ ରୋମୀୟମାନଙ୍କୁ ପଛକୁ ହଟାଇ ହଟାଇ ସମୁଦ୍ର ମଧ୍ୟକୁ ଠେଲି ଦେଲେ । ସିରୀୟ ଅଭିମୁଖେ ସେମାନେ ଗୋଟିଏ ପରେ ଗୋଟିଏ ସେହି ପବିତ୍ର ଭୂମିର ପ୍ରତ୍ୟେକଟି ସହରକୁ ରୋମୀୟମାନଙ୍କ ଠାରୁ ଛଡ଼ାଇନେଲେ । 614 ମସିହାରେ ପାଲେଷ୍ଟାଇନ୍ ଏବଂ ତା'ର ପବିତ୍ର ସହର ଯେରୁଜେଲମ୍ ଇରାନୀୟମାନଙ୍କ ଅଧୀନରକୁ ଚାଲି ଆସିଲା । କନିସାମାନଙ୍କୁ (ଇହୁଦୀ ଓ ଖ୍ରୀଷ୍ଟିଆନମାନଙ୍କର ଗୀର୍ଜା ଘର) ଧ୍ୱସ୍ତ ବିଧ୍ୱସ୍ତ କରିଦିଆଗଲା । ଧାର୍ମିକ ଧରୋହରଗୁଡ଼ିକର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିଦିଆଗଲା । ଇରାନ୍ ସମ୍ରାଟର ରାଜ ଦରବାର ତିରିଶି ହଜାର ମୃତକମାନଙ୍କର ମୁଣ୍ଡ ଦ୍ୱାରା ସୁସଜ୍ଜିତ କରାଗଲା, ହତ୍ୟା କରିବା ପରେ ମୃତକମାନଙ୍କର ମୁଣ୍ଡକୁ ରାଜଦରବାରରେ ରଖାଗଲା। ଇରାନୀୟମାନଙ୍କର ବିଜୟର ପରମ୍ପରା ଏହାଠୁ ବି ଆଗକୁ ବଢିଯାଇ 616 ମସିହାରେ ସଂପୂର୍ଣ୍ଣ ନୀଳ ଉପତ୍ୟକା ଅର୍ଥାତ ମିସରର ଶାସନରେ ଯାଇ ପରିବ୍ୟାପ୍ତ ହୋଇଗଲା ଏବଂ ପରିଶେଷରେ ଇସ୍କନ୍ଦରିୟାର ଉପକୂଳରେ ଯାଇ ଅଟକିଲା । ଅନ୍ୟ ପଟରେ ସମସ୍ତ ଏସୀୟ କୋଚକ (କ୍ଷୁଦ୍ର ଏସିଆ)କୁ ଧ୍ୱସ୍ତବିଧ୍ୱସ୍ତ କରି ବାସ୍ଫୋରସର ଉପକୂଳରେ ଯାଇ ଅଟକିଲା ଏବଂ କୁସ୍ତୁନ୍ତୁନିୟାର ପ୍ରାଚୀର ସହିତ ଯାଇ ମୁହାଁମୁହିଁ ହେଲା । ରୋମ ଶାସକଙ୍କ ରାଜଧାନୀ ସମ୍ମୁଖରେ ଜୟଯୁକ୍ତ ଇରାନୀୟ ସେନା ଯାଇ ନିଜର ଶିବିର ସ୍ଥାପନ କଲେ ଏବଂ ବର୍ତ୍ତମାନ ରୋମୀୟଙ୍କ ପରିବର୍ତ୍ତେ ଇରାକ୍, ସିରୀୟା ଏବଂ ପାଲେଷ୍ଟାଇନ୍ ଓ ମିସର କ୍ଷୁଦ୍ର ଏସୀୟ ଭୂଖଣ୍ଡର ବିସ୍ତୀର୍ଣ୍ଣ ଅଞ୍ଚଳରେ ଇରାନୀୟ ଶାସନ ପ୍ରତିଷ୍ଠିତ ହୋଇଗଲା । ପ୍ରତ୍ୟେକ ସ୍ଥାନରେ ଅଗ୍ନି ସ୍ଫୁଲିଙ୍ଗ (ମନ୍ଦିର) ସ୍ଥାପନ କରାଗଲା ଓ ଯୀଶୁ ଖ୍ରୀଷ୍ଟଙ୍କ ବଦଳରେ ଅଗ୍ନି ଏବଂ ସୂର୍ଯ୍ୟଙ୍କୁ ଦେବତା ରୂପେ ବାଧ୍ୟତାମୂଳକ ଭାବରେ ଉପାସନା କରିବାର ପ୍ରଥା ପ୍ରଚଳନ ହେଲା । ରୋମୀୟ ଶାସନର ଉକ୍ତ ବିନାଶ ଲୀଳାକୁ ଦେଖି ରୋମୀୟ ସମ୍ରାଟଙ୍କର ବିସ୍ତୀର୍ଣ୍ଣ ରାଜ୍ୟରେ ବିଦ୍ରୋହ ସୃଷ୍ଟି ହୋଇଗଲା । ଆଫ୍ରିକାରେ ମଧ୍ୟ ବିପ୍ଳବ ଅର୍ଥାତ୍ ସଂପ୍ରଦାୟିକତା, ଅରାଜକତା ଦେଖାଦେଲା । ସ୍ୱୟଂ କୁସ୍ତୁନ୍ତୁନିୟା ନିକଟରେ ଥିବା ଇଉରୋପର ବିଭିନ୍ନ ଜାତି ହତ୍ୟା ବୀଭତ୍ସତାରେ ମାତିଗଲେ ଅତଏବ୍ ସେତେବେଳେ ରୋମୀୟ ଶାସନ ଖଣ୍ଡ ବିଖଣ୍ଡିତ ହୋଇଯାଇଥିଲା । ଯେତେବେଳେ ଯୁଦ୍ଧର ପରିଣାମ ଅନାଶାତିତ ପ୍ରକାଶ୍ୟ ହେଲା ସେତେବେଳେ ମୁସଲମାନମାନଙ୍କୁ ନିଃସନ୍ଦେହ ରୂପେ ଦୁଃଖ ଏବଂ ଅବିଶ୍ୱାସକାରୀଙ୍କୁ ଆନନ୍ଦ ପ୍ରାପ୍ତ ହେଲା । ସେମାନେ ମୁସଲମାନମାନଙ୍କୁ କଟାକ୍ଷ କଲେ ଯେ, ଆମମାନଙ୍କର ଭାଇମାନେ ଯେଭଳି ଭାବରେ ଆଧିପତ୍ୟ ବିସ୍ତାର କରିଛନ୍ତି ବା ଜୟଯୁକ୍ତ ହୋଇଛନ୍ତି ଠିକ୍ ସେହିଭଳି ତୁମେମାନେ ଯଦି ଆମ ସହିତ ଲଢି ଥାଆନ୍ତ ତେବେ ଆମେମାନେ ମଧ୍ୟ ଜୟଯୁକ୍ତ ହୋଇ ଥାଆନ୍ତୁ । ତହିଁରୁ ଏହା ପ୍ରକାଶ୍ୟ ଯେ, ଅବଜ୍ଞାକାରୀମାନେ କହିଲେ, ଆମେମାନେ ମୁସଲମାନମାନଙ୍କ ଉପରେ ଜୟଲାଭ କରିବୁ । ସେତେବେଳେ ରୋମୀୟମାନଙ୍କର ଯେଉଁ ଅବସ୍ଥା ରହିଥିଲା ତାହା ଅତ୍ୟନ୍ତ ଦୟନୀୟ ଓ ଶୋଚନୀୟ ଅବସ୍ଥା ଥିଲା । ସେମାନେ ପୂର୍ବସ୍ଥ ଦିଗରେ ଅଧିକାର କରିଥିବା ଏକ ଅଞ୍ଚଳକୁ ହରାଇ ବସିଥିଲେ । ରାଜକୋଷ ଶୂନ୍ୟ ଥିଲା । ସୈନ୍ୟବାହିନୀ ବିକ୍ଷିପ୍ତ ଥିଲା, ଦେଶରେ ବିଦ୍ରୋହ ଏବଂ ଅରାଜକତା ସୃଷ୍ଟି ହୋଇଯାଇଥିଲା । ରୋମର ସମ୍ରାଟ୍ ହିର୍କଲ ସଂପୂର୍ଣ୍ଣ ରୂପେ ବିଳାସ ବ୍ୟସନରେ ନିମଗ୍ନ ଥିଲା, ସେ ଅଚିନ୍ତିତ ଥିଲା, ସେ ଆଳସ୍ୟତା ଏବଂ ଭ୍ରମର ଶିକାର ହୋଇଯାଇଥିଲା। ଏତେ ବଡ଼ ସମ୍ରାଟ୍ ହୋଇ ବି ତା' ମଧ୍ୟରେ କୌଣସି ଯୋଗ୍ୟତା ନଥିଲା । ଇରାନୀୟମାନଙ୍କର ବିଜୟୀ ସେନାପତି କୁସ୍ତୁନ୍ତୁନିୟାର ଦ୍ୱାର ପାଖରେ ପହଞ୍ଚି ରୋମୀୟମାନଙ୍କ ସମ୍ମୁଖରେ ନିମ୍ନଲିଖିତ ସର୍ତ୍ତ ଉପସ୍ଥାପିତ କଲା ଯେ, "ରୋମୀୟ ବାଜ (କର) ପେଠ କରନ୍ତୁ । ଏକ ହଜାର ଟାଲିଣ୍ଟ୍ ସୁନା, ଏକ ହଜାର ଟାଲିଣ୍ଟ୍ ରୂପା (ଟାଲିଣ୍ଟ୍ ହେଉଛି ପ୍ରାଚୀନ ୟୁନାନୀୟ ମାପକ ଯାହାର ସାଂପ୍ରତିକ ଓଜନ ପ୍ରାୟ 30 କି.ଗ୍ରା ଅଟେ ।) ଏକ ହଜାର ରେଶମର ଥାନ ଏକ ହଜାର ଅଶ୍ୱ ଏବଂ ଏକ ହଜାର କୁଆଁରୀ କନ୍ୟା ଇରାନୀୟମାନଙ୍କୁ ହସ୍ତାନ୍ତର କରନ୍ତୁ ।"

ରୋମୀୟମାନଙ୍କର ଦୁର୍ବଳତାର ଏହି ଅବସ୍ଥା ଥିଲା ଯେ, ସେମାନେ ଇରାନୀୟମାନଙ୍କର ନିନ୍ଦନୀୟ ଓ ଲଜ୍ଜିତ ସର୍ତ୍ତକୁ ସ୍ୱୀକାର କରିନେଲେ । ଏହା ସତ୍ତ୍ୱେ ମଧ୍ୟ ଯେତେବେଳେ ରୋମୀୟ ବାର୍ତ୍ତାବହ ଇରାନୀୟ ସମ୍ରାଟଙ୍କ ଦରବାରରେ ସନ୍ଧି ସ୍ଥାପନ ନିମନ୍ତେ ବାର୍ତ୍ତା ନେଇ ପହଞ୍ଚିଲା ସେତେବେଳେ ଅହଂକାରୀ ଖୁସ୍ରୋ ଯେଉଁ ଉତ୍ତର ଦେଇଥିଲା ତାହା ଏହିପରି ଥିଲା, "ଠିକ୍ ଅଛି ତୁମେ ସ୍ୱୀକାର କରି ନେଇଛ। କିନ୍ତୁ ମୋର ଏହି ବାର୍ତ୍ତାବହ ନୁହେଁ ବରଂ ମୋତେ ସ୍ୱୟଂ ହିର୍କଲ୍ ଝିଞ୍ଜିରରେ ବନ୍ଧା ହୋଇଥିବା ମୋର ସିଂହାସନ ତଳେ ଥିବା ଦରକାର । ଅର୍ଥାତ୍ ରୋମ୍‌ର ସମ୍ରାଟ୍ ମୋର ସିଂସାହନ ତଳେ ଦରକାର । ଯେପର୍ଯ୍ୟନ୍ତ ରୋମ୍‌ର ସମ୍ରାଟ୍ ନିଜର ଶୁଳି ପ୍ରାପ୍ତ ଈଶ୍ୱରଙ୍କୁ ପରିତ୍ୟାଗ କରି ସୂର୍ଯ୍ୟ ଦେବତାଙ୍କୁ ସ୍ୱୀକାର କରିନେଇ ନାହିଁ ସେପର୍ଯ୍ୟନ୍ତ ମୁଁ ସନ୍ଧି ସ୍ଥାପନ କରିବି ନାହିଁ (ଅର୍ଥାତ୍ ଯେପର୍ଯ୍ୟନ୍ତ ରୋମ୍‌ର ସମ୍ରାଟ୍ ଯୀଶୁ ଖ୍ରୀଷ୍ଟଙ୍କୁ ପରିତ୍ୟାଗ କରିଦେଇ ନାହିଁ ସେପର୍ଯ୍ୟନ୍ତ ସେ ସନ୍ଧି ସ୍ଥାପନ କରିବ ନାହିଁ) ।"

ହୁଜୁର ଅନ୍‌ୱର୍ ଅ.ବ କୁହନ୍ତି, ଉଲ୍ଲେଖକାରୀ ଉଲ୍ଲେଖ କରନ୍ତି ଯେ, ଯୁଦ୍ଧ ଭୂମିର ଏହି ଚିତ୍ର ଅଙ୍କିତ ହୋଇଥିଲା ଯେ, ଯୁଦ୍ଧ ଭୂମିରୁ ବହୁ ଦୂରରେ ଏକ ଶୁଷ୍କ ଏବଂ ବନ୍ଧ୍ୟା ଜମିର ଶୁନସାନ୍ ପର୍ବତରୁ ଜଣେ ଶାନ୍ତିର ରାଜକୁମାର ଦୃଶ୍ୟମାନ ହେଲା ଓ ଘଟଣା ବିପରୀତ ଏହି ଭବିଷ୍ୟବାଣୀ କଲା ଯାହାର ଆୟତ୍ ମୁଁ ଆଗକୁ ପଢିବି ଏବଂ ଉକ୍ତ ଆୟତ୍‌ଟି ପବିତ୍ର କୁରଆନ୍ କରୀମ୍‌ରେ ବର୍ଣ୍ଣିତ ହୋଇଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହି ବିସ୍ତୃତ ବିବରଣୀ ମୁଁ ଏଇଥିପାଇଁ ବର୍ଣ୍ଣନା କଲି ଯେ, ଭବିଷ୍ୟବାଣୀର ଯେଉଁ ମର୍ଯ୍ୟାଦା ରହିଛି ତାହା ଜ୍ଞାତ ହୋଇଯାଉ । ସୁତରାଂ ସେହି ଭବିଷ୍ୟବାଣୀଟି କ'ଣ ଥିଲା । ଯେପରିକି ମୁଁ ପୂର୍ବେ ପାଠ କରିଛି। ତାହା ଏଠାରେ ପୁନରାବୃତ୍ତି କରି ଦେଉଛି : الٓمّٓ ۔ غُلِبَتِ الرُّوۡمُ ۔ فِیۡۤ اَدۡنَی الۡاَرۡضِ وَ ہُمۡ مِّنۡۢ بَعۡدِ غَلَبِہِمۡ سَیَغۡلِبُوۡنَ ۔ فِیۡ بِضۡعِ سِنِیۡنَ ؕ لِلّٰہِ الۡاَمۡرُ مِنۡ قَبۡلُ وَ مِنۡۢ بَعۡدُ ؕ وَ یَوۡمَئِذٍ یَّفۡرَحُ الۡمُؤۡمِنُوۡنَ ۔ بِنَصۡرِ اللّٰہِ ؕ یَنۡصُرُ مَنۡ یَّشَآءُ ؕ وَ ہُوَ الۡعَزِیۡزُ الرَّحِیۡمُ ۔ وَعۡدَ اللّٰہِ ؕ لَا یُخۡلِفُ اللّٰہُ وَعۡدَہٗ

(ଅର୍ ରୁମ୍: 2-7)

ଅଲିଫ୍ ଲାମ୍ ମିମ୍, ଅର୍ଥାତ୍ ମୁଁ ଅଲ୍ଲାଃ ସର୍ବଜ୍ଞ । ରୋମବାସୀମାନେ ପରାଜିତ ହୋଇଛନ୍ତି, ନିକଟବର୍ତ୍ତୀ ଅଞ୍ଚଳରେ ଏବଂ ସେମାନେ ପରାଜିତ ହେବା ପରେ ପୁନର୍ବାର ଜୟଲାଭ କରିବେ । କିଛି ବର୍ଷ ମଧ୍ୟରେ । ଅର୍ଥାତ୍ ୩ରୁ ୯ବର୍ଷ କାଳ ମଧ୍ୟରେ । ଏହା ପୂର୍ବରୁ ଏହା ପରେ ମଧ୍ୟ ଅଲ୍ଲାଃତାଲାଙ୍କ ସାର୍ବଭୌମ ଅଧିକାର ରହିବ । ସେଦିନ ବିଶ୍ୱାସକାରୀମାନେ ନିଜର ବିଜୟ ଯୋଗୁଁ ଅତ୍ୟନ୍ତ ଆନନ୍ଦିତ ହେବେ । ଅଲ୍ଲାଃତାଲାଙ୍କ ସହାୟତା ଲାଭ କରି ଅଲ୍ଲାଃତାଲା ଯାହାଙ୍କୁ ପସନ୍ଦ କରନ୍ତି ତାହାଙ୍କୁ ସାହାଯ୍ୟ କରନ୍ତି ଓ ସେ ହିଁ ପରାକ୍ରମୀ ଓ ସଦା କରୁଣାମୟ ଏବଂ ଅଲ୍ଲାଃଙ୍କର ଅଙ୍ଗୀକାରକୁ ଭଲ ଭାବରେ ମନେରଖ । ଅଲ୍ଲାଃ ନିଜ ଅଙ୍ଗୀକାର କେବେ ଭଙ୍ଗ କରନ୍ତି ନାହିଁ ।

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday 04 JULY 2024 Issue No. -27

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ଉଲ୍ଲେଖକାରୀ ଉଲ୍ଲେଖ କରନ୍ତି ଯେ, ଉକ୍ତ ଭବିଷ୍ୟତବାଣୀ ଘଟଣା ଦୃଷ୍ଟିରୁ ଏତେ ଦୂରାଭିଳାଷୀ ଏବଂ ଅବିଶ୍ୱାସ ଯୋଗ୍ୟ ଥିଲା ଅର୍ଥାତ୍ ଏହା ଅସମ୍ଭବ ବୋଲି ମନେ ହେଉଥିଲା ଯେ, ଅବିଶ୍ୱାସକାରୀ ଏହାର ସଠିକ୍ ହେବା ସ୍ଥଳେ ଅନେକ ଓଟ (ହାରି ଯିବାର) ମୁସଲମାନମାନଙ୍କ ସହିତ ସର୍ତ୍ତ ଲଗାଇଲେ । ବର୍ତ୍ତମାନ ମୁସଲମାନମାନଙ୍କୁ ଓ ଅବିଶ୍ୱାସକାରୀମାନେ ଆତୁରତାର ସହିତ ଘଟଣାବଳୀର ପକ୍ଷକୁ ଅପେକ୍ଷା କରିଥିଲେ । ପରିଶେଷରେ କିଛି ବର୍ଷ ପରେ ସଂସାର ଯାହା ଆଶା କୁରଥିଲା ତାହାର ବିପରୀତ ଘଟଣା ଘଟିଲା । "ରୋମ ପତନର ଇତିହାସ"ର ବିଖ୍ୟାତ ଲେଖକ ତଥା ଇତିହାବିତ୍ ଏଡ଼୍ୱର୍ଡ଼ ଗିବ୍ବନ୍ (Gibbon) ହିର୍କଲ୍‌ର ଅବସ୍ଥା ବର୍ଣ୍ଣନା କରି ଉଲ୍ଲେଖ କରନ୍ତି: "ସମ୍ରାଟ୍ ଯିଏ ନିଜର ପ୍ରାରମ୍ଭିକ ଏବଂ ଶେଷ ଜୀବନରେ ମଉଜ୍ ମଜଲିସ୍ ଏବଂ ବିଳାସ ବ୍ୟସନ ଓ ଭ୍ରମର ଦାସ ତଥା ପ୍ରଜାମାନଙ୍କର ଦୁର୍ଦ୍ଦଶାର କାପୁରଷ ଓ ମୁକ ଦର୍ଶକ ଥିଲା । ଯେଭଳି ପ୍ରାତଃ ଏବଂ ସନ୍ଧ୍ୟା ସମୟର କୁହୁଡ଼ିରୁ ସୂର୍ଯ୍ୟର ରଶ୍ମୀ କ୍ରମଶଃ ଉଇଁ ଦିବାଲୋକକୁ ବାହାରି ଆସିଥାଏ । ସହସା 621 ମସିହାରେ ପ୍ରସାଦ ସମ୍ରାଟ ଆର୍କାଡ଼ିଅସ୍ (Arcadius), ଯୁଦ୍ଧ ଭୂମିର ସିଜର୍ (Caesar) ହୋଇଗଲା । ଅର୍ଥାତ୍ ରୋମର ଏହି ସମ୍ରାଟ୍ ଏବଂ ହିର୍କଲର ସମ୍ମାନ 6 ଟି ଅଭିଯାନ ମାଧ୍ୟମରେ ଅତ୍ୟନ୍ତ ଭବ୍ୟ ଶୈଳୀରେ ସୁରକ୍ଷିତ କରିନେଲା ।"

ହୁଜୁର ଅନ୍‌ୱର ଅ.ବ କହିଲେ, ଉଲ୍ଲେଖକାରୀମାନେ ଆର୍କାଡ଼ିଅସର ଯେଉଁ ଉଦାହରଣ ଦେଇଛନ୍ତି ଯେ, ସେ ରୋମୀୟ ଶାସନର ଜଣେ ସମ୍ରାଟ୍ ଥିଲା ଯାହାର କାଳ 408 ଖ୍ରୀ.ପୂ ଓ 378 ଖ୍ରୀ.ପୂ ପର୍ଯ୍ୟନ୍ ପରିବ୍ୟାପ୍ତ ଅଟେ । ଆର୍କାଡ଼ିଅସ ଅତ୍ୟନ୍ତ ଶକ୍ତିଶାଳୀ ସମ୍ରାଟ୍ ଥିଲା ଓ ସେହିପରି ସିଜର୍ ମଧ୍ୟ ଜଣେ ପୁରୁଣା ସେନାପତି ଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଯେତେବେଳେ ହିର୍କଲ ନିଜର ଅବଶିଷ୍ଟାଂଶ ସୈନ୍ୟବାହିନୀକୁ ଧରି କୁସ୍ତୁନତୁନିୟାରୁ ବାହାରିଲା ସେତେବେଳେ ଲୋକମାନଙ୍କୁ ଜ୍ଞାତ ହୋଇଥିଲା ଯେ, ମହାନ ରୋମୀୟ ସମ୍ରାଟର ଶେଷ ସୈନ୍ୟବାହିନୀର ଦୃଶ୍ୟ ସଂସାରବାସୀଙ୍କ ସମ୍ମୁଖରେ ରହିଛି । କିନ୍ତୁ ଆରବ ଦେଶର ସେହି ଅଶିକ୍ଷିତ ଅବତାରର ଭବିଷ୍ୟବାଣୀ ଅକ୍ଷରେ ଅକ୍ଷରେ ପୂର୍ଣ୍ଣ ହେଲା । ତାହା ଠିକ୍ ସେତେବେଳେ ଯେତେବେଳେ ମୁସଲମାନମାନେ ବଦରର ଯୁଦ୍ଧ ଭୂମିରେ କୁରୈଶମାନଙ୍କୁ ପରାସ୍ତ କରିଦେଲେ । ରୋମୀୟମାନେ ଇରାନୀୟମାନଙ୍କ ଉପରେ ବିଜୟ ପ୍ରାପ୍ତ କରିନେଲେ । ପୂର୍ବୋତ୍ତର ଅଧିକୃତ ହୋଇଥିବା ଗୋଟିଏ ଗୋଟିଏ ସହର ଫେରି ପାଇଲେ ଏବଂ ଇରାନୀୟମାନଙ୍କୁ ବାସ୍ଫୋରସ ଓ ନୀଳ ନଦୀ କୂଳରୁ ହଟାଇ ପୁନଶ୍ଚ ଫୁରାତ୍ ଏବଂ ଦଜ୍‌ଲାର କୂଳ ଆଡ଼କୁ ଠେଲି ଦେଲେ ।

ଉକ୍ତ ମହାନ ଭବିଷ୍ୟବାଣୀର ସତ୍ୟତାର ପ୍ରଭାବ ସଂସାରକୁ ଆଶ୍ଚର୍ଯ୍ୟ ଚକିତ କରିଦେଲା । କୁରୈଶ୍‌ମାନଙ୍କର ଅନେକ ଲୋକମାନେ ଉକ୍ତ ସତ୍ୟତାକୁ ଦେଖି ମୁସଲମାନ ହୋଇଗଲେ ଏବଂ ଯେଉଁମାନେ ପର (ଅନ୍ୟ ଧର୍ମାବଲମ୍ବୀ) ଅଟନ୍ତି ସେମାନେ ଉକ୍ତ ଭବିଷ୍ୟବାଣୀର ସ୍ୱୀକାରୋକ୍ତି ପ୍ରକାଶକାରୀ ହେଉଛନ୍ତି । ଉକ୍ତ ଆଶ୍ଚର୍ଯ୍ୟଜନକ ଭବିଷ୍ୟବାଣୀର ସତ୍ୟତାରୁ ଚକିତ୍ ଏବଂ ବିସ୍ମିତ ହୋଇ ଘଟଣାର 1250 ବର୍ଷ ପରେ ଏଡ଼୍ୱର୍ଡ଼ ଗିବ୍‌ବନ ଯେଉଁ କଥା କହିଛନ୍ତି ତାହାର ଅନୁବାଦ ଏହିପରି ଅଟେ,"ମୁହମ୍ମଦ ସ.ଅ ପୂର୍ବୋତ୍ତରର ଦୁଇଟି ମହାନ ଶାସନର ହିଡ଼ ଅର୍ଥା ସୀମା ଉପରେ ବସି ସେହି ଦୁଇ ଶାସନକୁ ପରସ୍ପରକୁ ଧ୍ୱଂସ କରିଦେଉଥିବା ଦୈନନ୍ଦିନ ଉଦ୍ୟମର ଉନ୍ନତିକୁ ଅତ୍ୟନ୍ତ ଆନନ୍ଦର ସହିତ ଧ୍ୟାନପୂର୍ବକ ଅଧ୍ୟୟନ ଓ ଅନୁଧ୍ୟାନ କରୁଥିଲେ ଏବଂ ଠିକ୍ ସେତିକିବେଳେ ଯେତେବେଳେ ଇରାନୀୟମାନଙ୍କୁ ଲଗାତାର ବିଜୟ ପ୍ରାପ୍ତ ହେଉଥିଲା । ସେ ଉକ୍ତ ଭବିଷ୍ୟବାଣୀ ଦେବା ନିମନ୍ତେ ସାହାସ କଲେ । କିଛି ବର୍ଷରେ ରୋମୀୟ ଧ୍ୱଜା ଉପରେ ବିଜୟର ଛାୟୀ ପରିବ୍ୟାପ୍ତ ହେବ । ଯେତେବେଳେ ଉକ୍ତ ଭବିଷ୍ୟବାଣୀ କରାଯାଇଥିଲା ସେତେବେଳେ ଏହା ଠାରୁ ଅଧିକ ଆଶା କରାଯାଇପାରି ନଥାଆନ୍ତା । କେହି ଏହାକୁ ବିଶ୍ୱାସ କରିପାରି ନଥାଆନ୍ତେ । କାରଣ ହିର୍କଲ୍‌ର 12 ବର୍ଷ କାଳ ଶାସନ ଉକ୍ତ କଥାର ଘୋଷଣା କରିଦେଇଥିଲା ଯେ, ରୋମାୟ ସମ୍ରାଟର ସୈନ୍ୟକ୍ରମ ବା ସାଂଗଠନିକତା ଶୀଘ୍ର ବିକ୍ଷିପ୍ତ ହୋଇଯିବ ଓ ତା' ଶାସନର ଅବସାନ ଘଟିବ ।

ହିର୍କଲ୍‌ର ସ୍ୱଭାବରେ ଉକ୍ତ ତାତକ୍ଷଣିକ ବିପ୍ଳବ ଏବଂ ଘଟଣାବଳୀ ଦୃଷ୍ଟିରୁ ଏହି ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ଏବଂ ତା'ର ସାଧନର ବିସ୍ତୃତାର ରୋମ୍‌ର ଇତିହାସ ଲେଖିଥିବା ଲେଖକମାନେ ବିସ୍ମୟକର କଥା ସୃଷ୍ଟି କରିଛନ୍ତି । ଉକ୍ତ କଥା ଅଲ୍ଲାମା ଶିବ୍‌ଲୀ ନୁମାନୀ ନିଜର ପୁସ୍ତକ ସିରତୁନ୍ ନବୀ ସ.ଅରେ ଉଲ୍ଲେଖ କରନ୍ତି: "କିନ୍ତୁ ସେମାନଙ୍କୁ କ'ଣ ବା ଜଣା ଯେ, ଉକ୍ତ ରକ୍ତାକ୍ତ ସଂଘର୍ଷରୁ ଭିନ୍ନ ଏକ ଅବତାରଦ୍ୱର ହସ୍ତ ରୋମବାସୀଙ୍କୁ ସାହାଯ୍ୟ କରିବା ନିମନ୍ତେ ପ୍ରସାରିତ ହୋଇଥିଲା ଏବଂ ତାହା ହିଁ ସେହି ବିପ୍ଳବ ଏବଂ ପରିବର୍ତ୍ତନର ସବୁଠୁ ବଡ଼ ଆଧ୍ୟାତ୍ମିକ କାରଣ ଥିଲା । ମୁସ୍ତଦରିକ୍ ଏବଂ ତିର୍ମିଜିର ସମାହାରରେ ଉଲ୍ଲେଖ ରହିଛି ଯେ, ରୋମବାସୀ ଏବଂ ପାରସ୍ୟବାସୀଙ୍କ ମଧ୍ୟରେ ଯେତେବେଳେ ଯୁଦ୍ଧ ଆରମ୍ଭ ହେଲା ସେତେବେଳେ ମୁସ୍‌ରିକିନ୍‌ମାନେ ଇରାନୀୟମାନଙ୍କୁ ସମର୍ଥନ ଜଣାଇଥିଲେ ଏବଂ ମୁସରିକିନିମାନେ ଇରାନୀୟମାନଙ୍କ ସପକ୍ଷରେ ଥିଲେ । କାରଣ ଇରାନ୍‌ବାସୀମାନେ ମଧ୍ୟ ମୂର୍ତ୍ତି ପୂଜକ ଥିଲେ ଏବଂ ମୁସଲମାନମାନେ ରୋମୀୟମାନଙ୍କ ସପକ୍ଷରେ ଥିଲେ । କାରଣ ରୋମବାସୀ ଗ୍ରନ୍ଥଧାରୀ ଥିଲେ । ସେତେବେଳେ ଇରାନୀୟମାନେ ରୋବାସୀଙ୍କ ଉପରେ ବିଜୟ ଲାଭ କରି ଚାଲିଥିଲେ । ଫଳତଃ ସୁରାଃ ରୋମ୍‌ର ଭବିଷ୍ୟବାଣୀ ଅବତୀର୍ଣ୍ଣ ହେଲା । ହ. ଅବୁ ବକ୍କର ର.ଅ ଚିତ୍କାର କରି ସମସ୍ତ ମୁସରିକିନ୍‌ମାନଙ୍କୁ ଏହି ଭବିଷ୍ୟବାଣୀ ଶୁଣାଇଲେ । ମୁସରିକିନ୍‌ମାନେ କହିଲେ, ହେ ଅବୁ ବକ୍କର ! ଉକ୍ତ ଭବିଷ୍ୟବାଣୀର କୌଣସି ବର୍ଷ ନିର୍ଦ୍ଧାରିତ କରିଦିଅ । ହ. ଅବୁ ବକ୍କର ର.ଅ 5 ବର୍ଷ ନିର୍ଦ୍ଧାରିତ କଲେ । ଆଁହଜରତ ସ.ଅଙ୍କୁ ଯେତେବେଳେ ଉକ୍ତ କଥା ଜ୍ଞାତ ହେଲା ସେତେବେଳେ ଆପଣ ସ.ଅ କହିଲେ, فِيْ بِضْعِ سِنِيْنَର ଶବ୍ଦ ପାଇଁ 3-9 ବର୍ଷ ଶବ୍ଦ ପ୍ରୟୋଗ କରାଯାଇଥାଏ । ଅତଏବ 10 ବର୍ଷରୁ କମ୍ ସମୟ ନିର୍ଦ୍ଧାରିତ କରିବା ଉଚିତ୍ । ସୁତରାଂ ଉକ୍ତ ବ୍ୟାଖ୍ୟାନୁଯାୟୀ ନବମ ବର୍ଷରେ ବଦର୍ ଯୁଦ୍ଧ ଅବସରରେ ଉକ୍ତ ଭବିଷ୍ୟବାଣୀ ପୂର୍ଣ୍ଣ ହେଲା ଏବଂ ରୋମୀୟବାସୀମାନେ ଜୟଲାଭ କଲେ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, କେତେକ ଯୁବକମାନେ ଏବଂ କିଶୋରମାନେ ମଧ୍ୟ ମୋତେ ପ୍ରଶ୍ନ କରନ୍ତି, ଅନେକ ପତ୍ର ଲେଖନ୍ତି, ଗତ ସପ୍ତାହରେ ମଧ୍ୟ କେତେକ ପତ୍ର ଆସିଛି ଯେ, ହୁଜୁର ! ଆମେମାନେ କିପରି ଜାଣିବୁ ଯେ, ଇସ୍‌ଲାମ୍ ଧର୍ମ ସତ୍ୟ ଧର୍ମ ଅଟେ ଓ ଆଁହଜରତ ସ.ଅ ହିଁ ପ୍ରକୃତ ସତ୍ୟବାଦୀ ଅବତାର ଅଟନ୍ତି ଏବଂ ଅନ୍ୟ ଅବତାରମାନେ ସତ୍ୟବାଦୀ ନୁହନ୍ତି ? ଏଠାରେ ପରିବେଶ ଓ ପରିସ୍ଥିତି ସେମାନଙ୍କ ଉପରେ ଏହି ପ୍ରଭାବ ପକାଇବା ଆରମ୍ଭ କିରଦେଛି ଯେ, ଯୁବକମାନଙ୍କ ମନରେ ଇସ୍‌ଲାମ୍ ଧର୍ମ ପ୍ରତି ମନ ଭିତରେ ସଂଶୟ ଓ ଦ୍ୱନ୍ଦ୍ୱ ଉତ୍ପନ୍ନ ହେବା ଆରମ୍ଭ ହୋଇଯାଇଛି । ସେହି ଯୁବକମାନଙ୍କୁ ଇସ୍‌ଲାମ୍ ଧର୍ମର ଇତିହାସ ଓ ଅଣଧର୍ମାବଲମ୍ବୀମାନଙ୍କର ମତାମତରୁ ବିଶ୍ୱାସ କରିନେବା ଉଚିତ୍ ଓ ପୁନଶ୍ଚ ସାଂପ୍ରତିକ ଯୁଗରେ ପବିତ୍ର କୁରଆନ୍ କରୀମ୍‌ରେ ଯେଉଁ ଭବିଷ୍ୟବାଣୀର ଉଲ୍ଲେଖ ରହିଛି ତାହାକୁ ମଧ୍ୟ ଦେଖିବା ଉଚିତ୍ । ତେଣୁ ଅଭିଭାବକମାନେ ନିଜେ ପବିତ୍ର କୁରଆନ୍ କରୀମ୍ ପାଠ କରନ୍ତୁ ଓ ନିଜର ସନ୍ତାନ ସନ୍ତତିଙ୍କୁ ମଧ୍ୟ ଉକ୍ତ ଭବିଷ୍ୟବାଣୀ ଦେଖାନ୍ତୁ ଯେ, କିପରି ଏହା ଇସ୍‌ଲାମ ଧର୍ମର ସତ୍ୟତା ଉପରେ ଏକ ବଳିଷ୍ଠ ପ୍ରମାଣ ଅଟେ । ଇସ୍‌ଲାମ୍ ଧର୍ମର ସତ୍ୟତା ନିମନ୍ତେ ସହସ୍ର ପ୍ରମାଣ ମହଜୁଦ୍ ରହିଛି । ସୁତରାଂ ଅଭିଭାବକମାନଙ୍କୁ ଏବଂ ଯୁବକମାନଙ୍କୁ ମଧ୍ୟ ନିଜର ଜ୍ଞାନକୁ ବୃଦ୍ଧି କରିବାର ଆବଶ୍ୟକତା ରହିଛି ।

କେବଳ ପ୍ରଶ୍ନ କରିଦେବା (ପଚାରିଦେବା) ଯଥେଷ୍ଟ ନୁହେଁ । ଯଦି ପ୍ରଶ୍ନ କରିବାକୁ ଚାହୁଁଛନ୍ତି ତେବେ ସ୍ୱୟଂ ଜ୍ଞାନ ଆହରଣ କରିବା ନିମନ୍ତେ ଉଦ୍ୟମ କରନ୍ତୁ ଓ ସେହିପରି ଆମମାନଙ୍କର ଯେଉଁ ଅଧୀନସ୍ଥ ଗୋଷ୍ଠୀଗୁଡ଼ିକ ରହିଛନ୍ତି ସେମାନଙ୍କୁ ମଧ୍ୟ ଏଥି ସଂକ୍ରାନ୍ତରେ ଯୁବକମାନଙ୍କୁ ଜ୍ଞାନ ପ୍ରଦାନ କରିବା ଉଚିତ୍ । ଉପରୋକ୍ତ ପ୍ରଶ୍ନଟି ମୋତେ ଅନେକ ଥର ପଚରା ଯାଇଛି । ସେ ଯାହା ହେଉ ଉକ୍ତ ସ୍ୱଷ୍ଟୀକରଣ ଆବଶ୍ୟକ ଥିଲା । ତେଣୁ ମୁଁ ଏଠାରେ ଏହାର ଚର୍ଚ୍ଚା କରିଦେଲି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ମୁଁ ପ୍ରକୃତ ବିଷୟବସ୍ତୁ ଆଡ଼କୁ ପ୍ରତ୍ୟାବର୍ତ୍ତନ କରୁଛି । ବଦର୍ ଯୁଦ୍ଧ ପ୍ରବାସର ପ୍ରଥମ ବର୍ଷ ଓ ଆଁହଜରତ ସ.ଅଙ୍କ ନବୀ (ଅବତାର ବା ବାର୍ତ୍ତାବହ) ହେବାର 14ତମ ବର୍ଷରେ ହୋଇଥିଲା । ଏହା ଠାରୁ 9 ବର୍ଷ ପୂର୍ବେ ଆଁହଜରତ ସ.ଅଙ୍କ ଅବତାର ହେବାର 5ମ ବର୍ଷ ହୋଇଥିବ । ସେହି କାରଣରୁ ଭବିଷ୍ୟବାଣୀର ସମୟକାଳ ପଞ୍ଚମ ଅବତାରତ୍ୱ କାଳ ଓ ଭବିଷ୍ୟବାଣୀ ସଂପୂର୍ଣ୍ଣ ହେବାର କାଳ 14ତମ ଅବତାରତ୍ୱ କାଳ କିମ୍ବା 1 ହିଜ୍ରୀ (ପ୍ରବାସ) ଅଟେ । କେତେକ ଲୋକ ଉକ୍ତ ଭବିଷ୍ୟବାଣୀ ସଂପୂର୍ଣ୍ଣ ହେବାର ସମୟକୁ ସୁଲାହ୍ ହୁଦେବିୟାର ବର୍ଷ ଅର୍ଥାତ୍ 6 ହିଜ୍ରୀ ବୋଲି ବର୍ଣ୍ଣନା କରିଛନ୍ତି । ଏହା ଠିକ୍ ନୁହେଁ । ସମ୍ଭବତଃ ଲୋକମାନଙ୍କୁ ଭ୍ରମ ଲାଗିଛି ଯେ, ସଠିକ୍ ବୁଖାରୀ ଇତ୍ୟାଦିରେ ଉଲ୍ଲେଖ ରହିଛି ଯେ, ଆଁହଜରତ ସ.ଅଙ୍କ ସନ୍ଦେଶ ବାହକ ଯେତେବେଳେ ଇସ୍‌ଲାମ୍ ଧର୍ମର ବାର୍ତ୍ତା ନେଇ କୈସର୍ ନିକଟକୁ ଗଲା **(ଅବଶିଷ୍ଟାଂଶ.......ପରବର୍ତ୍ତୀ ସଂଖ୍ୟାରେ)**

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan